ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୭ ଡିସେମ୍ବର, ୨୦୨୦



**ସ୍ଥାୟୀ ନିଯୁକ୍ତି ଦାବିରେ କୋଭିଡ୍ ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା**

ଭବାନୀପାଟଣା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋଭିଡ୍ ମେଡିକାଲରେ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ୯ ମାସ ପରେ ଛଟେଇ କରାଯାଇଛି। ଜିଲାରେ ୭୨ ଜଣ ସ୍ୱାସ୍ଥ୍ୟକର୍ମୀ ଛଟେଇ ହୋଇଛନ୍ତି। ବର୍ତ୍ତମାନ ଜିଲାରେ ୨୧୨ ନର୍ସ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୋଭିଡ୍ ସମୟରେ କାର୍ଯ୍ୟ କରିଥିବା କୋଭିଡ୍ ଯୋଦ୍ଧାଙ୍କୁ ନିଯୁକ୍ତି ଦେବା ଦାବିରେ ଭବାନୀପାଟଣା ସହର ନିକଟ ବାନ୍ଦୋପଲା ଇଂଜିନିୟରିଂ କଲେଜ କୋଭିଡ୍ ହସ୍ପିଟାଲ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ନିଯୁକ୍ତି ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣା ଜାରି ରହିବ ବୋଲି ଛଟେଇ ହୋଇଥିବା ସ୍ୱାସ୍ଥ୍ୟକର୍ମୀ କହିଛନ୍ତି।

# '୪ କେଜି କାଟିଦେଲେ ହେଉଛି ଏଫ୍ଏକ୍ୟୁ ଧାନ'

ବଲାଙ୍ଗୀର ଅଫିସ,୧୬।୧୨

ଧାନକିଣା ପ୍ରକ୍ରିୟାରେ କଟ୍‌ନି ଛଟ୍‌ନିକୁ ନେଇ ବ୍ୟାପକ ଅଭିଯୋଗ ଓ ଅସନ୍ତୋଷ ଉଠିବା ପରେ ଏବେ ଚାଷୀଙ୍କୁ ଠକିବା ଓ ଶୋଷଣ କରିବାର ନୂଆ ଉପାୟ ବାହାର କରାଯାଇଛି। ବସ୍ତା ପ୍ରତି ୪କେଜି ଧାନ କାଟିଦେଲେ ଏହା ଏଫ୍ଏକ୍ୟୁ ମାନର ହୋଇଯାଉଛି। ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଏଭଳି ଅଭିନବ ଠକେଇ ଉପାୟ ଅବଲମ୍ବନ କରାଯାଉଥିବା ଜଣାପଡିଛି। ବିଧାୟକ ନରସିଂହ ମିଶ୍ର ବୁଧବାର ଅଚାନକ ସଦର ବ୍ଲକର ଚୁଡାପାଲି ଧାନମଣ୍ଡି ପରିଦର୍ଶନ କରିବା ପରେ ଏଭଳି ଠକେଇ ଧରାପଡିଛି।

ବୁଧବାର ଥିଲା ଧାନକ୍ରୟ ଦିବସ । ବିଭିନ୍ନ ଗାଁରୁ ଟୋକନ ପାଇଥିବା ଚାଷୀ ଆସି ଅପେକ୍ଷାରତ ଥିଲେ ମଧ୍ୟ ପ୍ୟାକ୍ସ ସମ୍ପାଦକ ଅନୁପସ୍ଥିତ ଥିଲେ । ଫଳରେ ଦିନ ୧୧ଟା ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହୋଇ ନ ଥିଲା । ଏହି ସମୟରେ ସେଠାରେ ପହଞ୍ଚି ଥିଲେ ବିଧାୟକ ମିଶ୍ର। ପ୍ୟାକ୍ସରେ ଥିବା ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) କୁନା ଜେନା ବିଧାୟକଙ୍କ କୌଣସି ପ୍ରଶ୍ନର ଉତ୍ତର ଦେଇପାରି ନ ଥିଲେ । ଡିଇଓ ୪ଟି ଧାନକିଣା ରେଜିଷ୍ଟର ଦେଖାଇଥିଲେ ମାତ୍ର କୌଣସି ରେଜିଷ୍ଟରରେ କିଛି ବି ଲେଖା ନଥିଲା। ଗତ ଡିସେମ୍ବର ୪ ତାରିଖରୁ ଏହି ମଣ୍ଡିରେ ଧାନକିଣା ଆରମ୍ଭ ହୋଇଛି। ୧୫ ତାରିଖ ପର୍ଯ୍ୟନ୍ତ ଯେତିକି ଧାନ କିଣା ଯାଇଛି ସବୁ ଧାନ ଏଫ୍ଏକ୍ୟୁ ମାନର ବୋଲି କମ୍ପ୍ୟୁଟର କପିରେ ଲିପିବଦ୍ଧ କରାଯାଇଛି । ସାଧାରଣ ମାନର ଧାନକୁ ଏଫ୍ଏକ୍ୟୁ ମାନର କରିବା ଯନ୍ତ୍ର ଏହି ମଣ୍ଡିରେ ଅଛି କି ବୋଲି ବିଧାୟକ ମିଶ୍ର ପ୍ୟାକ୍ସ ଏନାଲିଷ୍ଟ ମୋତିମଣି ଦୀପଙ୍କୁ ପ୍ରଶ୍ନ କରିଥିଲେ । ଏଠାରେ ସେଭଳି ଯନ୍ତ୍ର ନାହିଁ ବୋଲି ସେ କହିଥିଲେ । ଏହାସତ୍ତ୍ୱେ ୪ରୁ ୧୫ତାରିଖ ପର୍ଯ୍ୟନ୍ତ ଯେତେ ଚାଷୀ ଧାନ ବିକ୍ରୟ କରିଛନ୍ତି ସେସବୁ ଧାନ ଏଫ୍ଏକ୍ୟୁ ମାନର ବୋଲି ଉଲ୍ଲେଖ କରାଯାଇଛି । ଏଫ୍ଏକ୍ୟୁ ମାନର ଧାନ କରିବା ପାଇଁ ପ୍ୟାକ୍ସରେ ବସ୍ତା ପ୍ରତି ୪ କେଜି ଧାନ କଟାଯାଉଛି ବୋଲି ଉପସ୍ଥିତ ଚାଷୀମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯେଉଁମାନେ ରାଜି ହେଉନାହାନ୍ତି ସେମାନଙ୍କ ଧାନରେ ଆଦ୍ରତା ଠିକ୍‌ନାହିଁ ବୋଲି କହି ମଣ୍ଡିରୁ ଧାନ ଫେରାଇ ନେବାକୁ କୁହାଯାଉଥିବା ଚାଷୀମାନେ କହିଥିଲେ । ମଣ୍ଡି ପରିଦର୍ଶନ ସାରି ବାହାରିବା ବେଳେ ପ୍ୟାକ୍ସ ସମ୍ପାଦକ ଗୋପବନ୍ଧୁ ସାହୁ ପହଞ୍ଚିଥିଲେ। ଧାନକିଣା ରେଜିଷ୍ଟରରେ ଏଆରସିଏସ ଓ ଡିଆରସିଏସଙ୍କ ଏବଂ ପର୍ଚେଜ ସ୍ଲିପରେ ଚାଷୀଙ୍କ ଦସ୍ତଖତ କାହିଁକି ନାହିଁ ବୋଲି ପ୍ରଶ୍ନ କରିବାରୁ ରେଜିଷ୍ଟରରେ ଦସ୍ତଖତ ଅଛି ବୋଲି କହିଥିଲେ । ମାତ୍ର ରେଜିଷ୍ଟର ଆଣି ଦେଖାଇବା ବେଳେ ସେଥିରେ କାହାରି ଦସ୍ତଖତ ନଥିବା ଦେଖାଯାଇଥିଲା। ଧାନକିଣା ନୀତି ଅନୁସାରେ ମଣ୍ଡିରେ ଚାଷୀ ଏବଂ ମଣ୍ଡି କର୍ମଚାରୀ ବ୍ୟତୀତ କୌଣସି ତୃତୀୟ ପକ୍ଷ ରହିବେ ନାହିଁ ଏବଂ ଜିଲାସ୍ତରୀୟ ଧାନକିଣା ବୈଠକରେ ମଣ୍ଡିରେ ସିସି କ୍ୟାମେରା ଲଗାଇବା ନିଷ୍ପତ୍ତି ହୋଇଥିଲା। ଏହି ମଣ୍ଡିରେ ସିସି ଟିଭି ଲାଗି ନ ଥିଲା କି ଚାଷୀଙ୍କ ପାଇଁ ଭଲ ପିଇବା ପାଣି ବ୍ୟବସ୍ଥା ହୋଇ ନ ଥିବା ଦେଖାଯାଇଥିଲା । ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ରଖି ବିଧାୟକ ମିଶ୍ର ଧାନକିଣା ମହାଦୁର୍ନୀତିରେ ପରିଣତ ହୋଇଛି ଓ ଏହା ଉପରୁ ତଳକୁ ଲମ୍ବିଛି ବୋଲି କହିଥିଲେ । ତୃତୀୟ ମହଲାରୁ ପ୍ୟାକ୍ସ ଓ ମିଲର୍ସ ପର୍ଯ୍ୟନ୍ତ ଚାଷୀଙ୍କୁ ଶୋଷଣ କରୁଛନ୍ତି ବୋଲି କହିଥିଲେ। ଆଗାମୀ ବିଭାଗୀୟ ଗୃହକମିଟି ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହେବ ବୋଲି ସେ କହିଥିଲେ।



ବିଧାୟକ ନରସିଂହ ମିଶ୍ର ଚୁଡାପାଲି ମଣ୍ଡି ପରିଦର୍ଶନ କରୁଛନ୍ତି।

- ଚାଷୀଙ୍କୁ ଶୋଷଣର ନୂଆ ଉପାୟ
- ରେଜିଷ୍ଟରରେ କିଛି ଲେଖାନାହିଁ
- ୧୧ଟା ପର୍ଯ୍ୟନ୍ତ ଧାନକିଣା ହୋଇ ନ ଥିଲା
- ଅଚାନକ ମଣ୍ଡି ପରିଦର୍ଶନ କଲେ ବିଧାୟକ

## ସଂକ୍ଷେପରେ

### ମକରମେଳା ପାଇଁ ପ୍ରସ୍ତୁତି ବୈଠକ

ପଲମ, ୧୬।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା କଲାମୁଣ୍ଡା ବ୍ଲକ ଅଧୀନ ଯୋଗଡବରା ପଞ୍ଚାୟତସ୍ଥିତ କୁସୁର୍ଲା ନିଳକଣ୍ଠେଶର ମନ୍ଦିର ପରିସରରେ ୪୫ଖଣ୍ଡ ଗ୍ରାମର ସଭ୍ୟମାନଙ୍କୁ ନେଇ ଆସନ୍ତା ଜାନୁୟାରୀ ୧୪ ତାରିଖରେ ହେବାକୁ ଥିବା ମକର ମେଳା ପାଇଁ ଏକ ପ୍ରସ୍ତୁତି ବୁଧବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜଗତରାମ ଭୋଇଙ୍କ ସଭାପତିତ୍ୱ ଏବଂ ସମ୍ପାଦକ କଂସାସୁର ଜାନୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ମକର ମେଳା ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନରେ ପାଳନ ସହ ମନ୍ଦିର ଭିତରେ ପୂଜା ଅର୍ଚ୍ଚନା କରାଯିବ। ଆଗଭଳି ଯାତ୍ରା ନ କରିବା ପାଇଁ ସମସ୍ତଙ୍କ ସହମତିକ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା। କରୋନା ନିୟମ ପାଳନ କରାଯାଇ ମନ୍ଦିର ଭିତରେ ପୂଜା କରାଯିବ। ଆଗଭଳି ଯାତ୍ରା କରାଯିବ ନାହିଁ ବୋଲି ସଭାପତି କହିଥିଲେ। ଏହି ବର୍ଷ ମନ୍ଦିର ଭିତରେ ପୂଜା ହେବ, ଯାତ୍ରା ହେବନାହିଁ କି ରଥ ମଧ୍ୟ ବୁଲିବ ନାହିଁ ବୋଲି ସମ୍ପାଦକ ମତ ଦେଇଥିଲେ। ସରକାରଙ୍କ ନିୟମ ଅନୁସାରେ ସାମାଜିକ ଦୂରତା ରକ୍ଷା କରି ମନ୍ଦିର ଭିତରେ ପୂଜା କରାଯିବ ବୋଲି ମନ୍ଦିର ପୂଜକ କହିଛନ୍ତି।

### ଅତାବିରାରେ କୃଷି ଶ୍ରମିକ ଅଭାବ, ମେଶିନ କରୁଛି କାମ

ଜାମଟିକ୍ରା, ୧୬।୧୨ (ଡି.ଏନ.ଏ.): ବରଗଡ ଜିଲା ଅତାବିରା ବ୍ଲକ ଅଞ୍ଚଳରେ କୃଷି ଶ୍ରମିକଙ୍କ ଘୋର ଅଭାବ ପରିଲକ୍ଷିତ ହୋଇଛି। ଫଳରେ ଚାଷ କାମରେ ଅନେକ ଅସୁବିଧା ଦେଖାଦେଉଛି । ବିଶେଷ କରି ଅନେକ କୃଷି ଶ୍ରମିକମାନେ ବସି ରହିଥିବା ବେଳେ ପାଠୁଆ ପିଲାମାନେ ଚାଷ ଜମି ମାଡୁ ନାହାନ୍ତି। ଏଭଳି ସ୍ଥିତିରେ ଚାଷୀମାନଙ୍କୁ ସେମାନଙ୍କ କୃଷି କାମ ପାଇଁ ଚାଷ ଉପରେ ଅଧିକ ସମୟ ଦେବାକୁ ପଡୁଛି। ଫଳରେ ଚାଷୀମାନେ କୃଷି ଯନ୍ତ୍ରପାତି ଉପରେ ଅଧିକ ନିର୍ଭର କରିବାକୁ ପଡୁଛି। ଚାଷୀମାନେ ବର୍ତ୍ତମାନ ଟ୍ରାକ୍ଟରରେ ଜମି ଚଷ କରିବାଠାରୁ ଆରମ୍ଭ କରି ରୁଆ ବେଉଷଣ କାର୍ଯ୍ୟ ମଧ୍ୟ କରୁଛନ୍ତି । ଧାନ ଅମଳ ହେଲେ ଚାଷୀମାନେ ଧାନ କଟା ଯନ୍ତ୍ର, ଥ୍ରେସରର ଭଳି ମେଶିନ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ଶ୍ରମିକ ଅପେକ୍ଷା କୃଷି ଯନ୍ତ୍ରପାତି କାମ ଶସ୍ତା ବୋଲି ଚାଷୀମାନେ ମତ ପ୍ରକାଶ କରିଛନ୍ତି ।

### ମୁରିବାହାଲ ଲାୟନ୍ସ କ୍ଲବ ଗଠିତ

ମୁରିବାହାଲ, ୧୬।୧୨ (ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ଲାୟନ୍ସ କ୍ଲବ ଗଠିତ ହୋଇଛି। ମଙ୍ଗଳବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁରିବାହାଲ ବ୍ଲକର ବିଭିନ୍ନ ଅନୁଷ୍ଠାନର ପଦାଧିକାରୀ ଓ ସ୍ୱେଚ୍ଛାସେବୀ ଯୋଗଦେଇ ନୂତନ କ୍ଲବ ଗଠନ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ଏହାପରେ ଆସନ୍ତା ଏକବର୍ଷ ପାଇଁ ସର୍ବସମ୍ମତିକ୍ରମେ ଶ୍ରୀବତ୍ସ ବେହେରା ସଭାପତି, ବନବିହାରୀ ଯୋଶୀ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ଅନୀଲ କୁମାର ଶର୍ମାଙ୍କୁ ମନୋନୀତ କରାଯାଇଥିଲା। ପରେ ୨୫ ସ୍ଥାୟୀ ସଭ୍ୟଙ୍କୁ ନେଇ ଆଗାମୀ ଦିନରେ ବ୍ଲକର ବିଭିନ୍ନ ସେବାମୂଳକ କାର୍ଯ୍ୟ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଭଗବାନ ମହାନ୍ତି, ଦୁର୍ଗାନନ୍ଦ ମହାକୁର, ନାରାୟଣ ସାହୁ, ଉଗ୍ରସନ ପାତ୍ର, ମହେଷ ପୁଟେଲ, ଦିଲୀପ କୁମାର ପୃଷ୍ଟି, କୈଶ୍ୟପ ସରାଫ ପ୍ରମୁଖଙ୍କୁ ପ୍ରତିଷ୍ଠାତା ସଭ୍ୟ ଭାବେ ମନୋନୀତ କରାଯାଇଛି। ଆଗାମୀ ଦିନରେ ଅଧିକ ସଭ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

### ଶିକ୍ଷାବିତ୍‌ଙ୍କ ପରଲୋକ

ଦେଓଗାଁ,୧୬।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଳାକାର ସଂଘ ତରଫରୁ ବୁଧବାର ଜରାସିଂହାର ବର୍ଷିୟାନ କଳାକାର, ଶିକ୍ଷକ ତଥା ହନୁମାନ ମନ୍ଦିର ପୂଜକ ପରମାନନ୍ଦ ଥନାପତି(୭୦)ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ବ୍ଲକ କଳାକାର ସଂଘ ଉପସଭାପତି ସୁଦାମ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ୱର୍ଗତ ଥନାପତିଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରାଯାଇଥିଲା। ତାଙ୍କ ବିୟୋଗ ଏହି ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କଳାକାରମାନେ ମତବ୍ୟକ୍ତ କରଛନ୍ତି। ପ୍ରକାଶଯୋଗ୍ୟ ଯେ, ପରମାନନ୍ଦଙ୍କର ଗତ ବୁଧବାର ଦେହାନ୍ତ ହୋଇଥିଲା।

## ବିଡିଓଙ୍କୁ ଫେରାଦ ହେଲା ଭିଲେଜର୍ସ ଇଣ୍ଡିଆ ପାର୍ଟି

ଦେଓଗାଁ,୧୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଡୁମେରପିଟା ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ଭିଲେଜର୍ସ ଇଣ୍ଡିଆ ପାର୍ଟି ତରଫରୁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଦର୍ଶ ଗୁହାଳ ଯୋଜନା ଓ ମୋ ଉପକାରୀ ବଗିଚାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ, ପଞ୍ଚାୟତ ଅଞ୍ଚଳରେ ହୋଇଥିବା ବୃକ୍ଷରୋପଣର ବିଭାଗୀୟ ତଦନ୍ତ, ପଞ୍ଚାୟତର ସମସ୍ତ ଦାଦନ ଶ୍ରମିକଙ୍କ ତାଲିକା ଜିଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ ଓ ଶ୍ରମିକ ପରିଚୟ ପତ୍ର ପ୍ରଦାନ ଦିଗରେ ପଦକ୍ଷେପ, କ୍ୱାରାଣ୍ଟାଇନରେ ଥିବା ବେଳର ସହାୟତା ରାଶି ପାଇବାରୁ ବଞ୍ଚିତ ୫୦ ଦାଦନ ଶ୍ରମିକଙ୍କୁ ତୁରନ୍ତ ପ୍ରଦାନ ଆଦି ଦାବି ରହିଛି। ଦାବିଗୁଡିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ପାର୍ଟି ତରଫରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପାର୍ଟି ଅଧ୍ୟକ୍ଷ ଡ.ବିପିନ କୁଶୁଲିଆ କହିଛନ୍ତି । ପାର୍ଟୀ ଅଧ୍ୟକ୍ଷ କୁଶୁଲିଆଙ୍କ ନେତୃତ୍ୱରେ ବିଡିଓ ରୁଦ୍ର ପ୍ରସାଦ ସୁନାଙ୍କୁ ଦାବିପତ୍ର ପ୍ରଦାନ ବେଳେ ଦଳର ଜିଲା ସଭାପତି ଅଶୋକ ଦାଶ, ସମ୍ପାଦକ ତିତନ ନନ୍ଦ ଉପସ୍ଥିତ ଥିଲେ ।

## ଅରବିନ୍ଦ ଚୌଧୁରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

କର୍ଲାମୁଣ୍ଡା, ୧୬।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ପାଇଁ ବୁଧବାର ଅନୁଷ୍ଠିତ ଉପନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ରେଗଡା ସମିତି ସଭ୍ୟ ଅରବିନ୍ଦ ଚୌଧୁରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟ ମଧ୍ୟରେ ମନୋନୟନପତ୍ର ଦାଖଲ ପାଇଁ ସମୟ ରଖାଯାଇଥିଲା। ଅରବିନ୍ଦ ଏକମାତ୍ର ପ୍ରାର୍ଥୀ ଭାବେ ମନୋନୟନପତ୍ର ଦାଖଲ କରିଥିଲେ। ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆଉ କେହି ପ୍ରାର୍ଥୀ ନ ଥିବାରୁ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀ ଚୌଧୁରୀଙ୍କୁ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ମ.ରାମପୁର ଭାରପ୍ରାପ୍ତ ଥାନାଧିକାରୀ ଜୟଦେବ ତାରିଣୀ ଓ କର୍ଲାମୁଣ୍ଡା ଫାଣ୍ଡିଧିକାରୀ ଅଧିଶ ଚନ୍ଦ୍ର ବିଶ୍ୱାସଙ୍କ ତତ୍ତ୍ୱାବଧାନରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନଥିଲେ। ଅରବିନ୍ଦ ଚୌଧୁରୀଙ୍କ ଅଧ୍ୟକ୍ଷ କରାଇବା ପାଇଁ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି (ମୁନା), ବାବୁଲି ସ୍ୱାଇଁ, ଦେବେନ୍ଦ୍ର ସାହୁ, ନନ୍ଦିକିଶୋର ଭୋଇ, ମ.ରାମପୁର ପୂର୍ବତନ ସରପଞ୍ଚ ବିଭୂତି ମହାକୁଡ, ଆଦିବାସୀ ନେତା ପ୍ରକାଶ ମାଝି, ଚନ୍ଦ୍ରଭାନୁ ସାହୁ, ହେମସାଗର ସାହୁ (କଲ୍ଲୁ), ପର୍ଶୁରାମ ସାହୁ, ବିକ୍ରମ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ପ୍ରକାଶ ଯେ, ବୁଧବାର ଅଧ୍ୟକ୍ଷ ଭାବେ ଅରବିନ୍ଦ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ବ୍ଲକ କାର୍ଯ୍ୟାଳୟରୁ ଫେରିବା ବେଳେ ତାଙ୍କ ଗହଣରେ ଅନ୍ତରୀଣ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଉପାଧ୍ୟକ୍ଷ ରିଷିତା ସମିତି ସଭ୍ୟା ଆନନ୍ଦିନୀ ଭୋଇ, ସରଗୁଲ ମାଲପଡା ସମିତିସଭ୍ୟ ଯଶୋବନ୍ତ ସାହୁ, ରିଞ୍ଜା ସମିତିସଭ୍ୟା ସୁଭଦ୍ରା ମାଝି, ତେରେସିଂହା ସମିତି ସଭ୍ୟା ଚନ୍ଦ୍ରମା ରଣା, ରାଜପୁର ସମିତି ସଭ୍ୟା ରଞ୍ଜିତା ରଣା, ବୋରପଦର ସମିତି ସଭ୍ୟା ନିରବତୀ ସାହୁ, ଯୋରାଡବରା ସମିତିସଭ୍ୟ କିଶୋର ନାଗ, ସାପଲହରା ସମିତିସଭ୍ୟ ନିରଞ୍ଜନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ସମିତି ସଭ୍ୟାସଭ୍ୟଙ୍କ ଗହଣରେ ନବନିର୍ବାଚତ ବ୍ଲକ ଅଧ୍ୟକ୍ଷ ଅରବିନ୍ଦ ଚୌଧୁରୀ ।

**କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ପାଇଁ ଉପନିର୍ବାଚନ**

## ବିଜେଡିର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ

ଭବାନୀପାଟଣା,୧୬।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ବିଜେଡିର ପଦାଧିକାରୀଙ୍କ ଏକ ସାଙ୍ଗଠନିକ ବୈଠକ ଭବାନୀପାଟଣା ବ୍ଲକ ସୁକୁନାଭଟା ଫାର୍ମ ହାଉସରେ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଅଧ୍ୟକ୍ଷତାରେ ବୈଠକରେ ଆଗାମୀ ପୌର ନିର୍ବାଚନ ପାଇଁ ସାଙ୍ଗଠନିକ ରଣନୀତି ପ୍ରସ୍ତୁତ ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସୋସିଆଲ୍ ମିଡିଆ ଓ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ କରିବାକୁ ଆଲୋଚନା ହୋଇଥିଲା। ସଭାରେ ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ନବ କିଶୋର ଦାସ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଧର୍ମଗଡ ବିଧାୟକ ମୌଷଧୀ ବାଗ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ଓ ଗୋବର୍ଦ୍ଧନ ଦାଶ, ଜିଲା ଉପସଭାପତି ଭବାନୀ ଶଙ୍କର ମିଶ୍ର, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ମହିଳା ବିଜେଡି ସଭାନେତ୍ରୀ କଲ୍ୟାଣୀ ନାଏକ, ଜିଲା ଛାତ୍ର ବିଜେଡି ଅଜିତ ସାହୁ, ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ଜିତେନ୍ଦ୍ର ନାରାୟଣ ସିଂହଦେଓ, ସବିତା ପ୍ରଧାନ, ଚିତ୍ତରଞ୍ଜନ ମଣ୍ଡଳ, ଭବାନୀ ନିଆଲ, ଜାକିର ହୁସେନ, ସାମନ୍ତ ଖମାରି, ମ୍ୟୁନିସିପାଲଟିର ପୂର୍ବ ଅଧ୍ୟକ୍ଷା ଲଳିତା ନାଏକ, ସମସ୍ତ ବ୍ଲକ ସଭାପତି, ଛାତ୍ର ଓ ଯୁବ ବିଜେଡି ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରଦୀପ ମୁଣ୍ଡ ଧନ୍ୟବାଦ ଦେଇଥିଲେ।

## ଦର୍ଶନୀୟ ସ୍ଥାନର ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ବିଧାୟକ

ଭବାନୀପାଟଣା, ୧୬।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ପର୍ଯ୍ୟଟନସ୍ଥଳୀଗୁଡିକର ବିକାଶ ସହିତ ସେଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଗଲେ ଜିଲାର ପର୍ଯ୍ୟଟନ ସହିତ ଆର୍ଥିକ ଅଭିବୃଦ୍ଧି ହେବ। ଏହି ଦିଗରେ ପ୍ରଥମ କରି ପ୍ରୟାସ ଆରମ୍ଭ କରିଛନ୍ତି ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ। ସେ ଜିଲାର ଫୁରଲିଝରନ୍, ଜାକମ, ଆଦି ଦର୍ଶନୀୟ ସ୍ଥାନ ପରିଦର୍ଶନ କରି ସେଗୁଡିକର ବିକାଶ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଫୁରଲିଝରଣ, ଜାକମର ସୌନ୍ଦର୍ଯ୍ୟକରଣର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହ ପର୍ଯ୍ୟଟନ ସ୍ଥଳୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେବାକୁ ପ୍ରୟାସ କରିଛନ୍ତି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ଆଶ୍ରୟସ୍ଥଳୀ, ପାର୍କିଂ, ଶଗଡାଠାରୁ ଜାକମ ପର୍ଯ୍ୟନ୍ତ ବିଦ୍ୟୁତୀକରଣ, ଶିଶୁମାନଙ୍କ ପାଇଁପାର୍କନୌଚାଳନା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ ।

## ଓରଥୋସିସ୍, ଶ୍ରବଣ ଯନ୍ତ୍ର ବଣ୍ଟନ



ଜିଲାପାଳ ଚଞ୍ଚଳ ରାଣା ଶିଶୁମାନଙ୍କୁ ମାଗଣା ଉପକରଣ ବଣ୍ଟନ କରୁଛନ୍ତି ।

ବଲାଙ୍ଗୀର ଅଫିସ,୧୬।୧୨

ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ବିକାଶରେ ବିଳମ୍ବ ଓ ଶ୍ରବଣ ବାଧିତ ଶିଶୁମାନଙ୍କୁ ମାଗଣାରେ ଓର୍‌ଥୋସିସ୍ ଓ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଛି। ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟଅତିଥିଭାବେ ଯୋଗଦେଇ ଏହା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୮ଜଣ ଶ୍ରବଣ ବାଧିତ ଶିଶୁଙ୍କୁ ଶ୍ରବଣ ଯନ୍ତ୍ର ଓ ୨୫ ଜଣ ଶିଶୁଙ୍କୁ ଓରଥୋସିସ୍ ବଣ୍ଟନ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଜିଲାର ୧୫୬ ଜଣ ଶିଶୁଙ୍କ ଜନ୍ମଗତ ହୃଦ୍‌ରୋଗ ଅପରେଶନ୍, ୨୨୧ ଶିଶୁଙ୍କ ଗ୍ରହଣଖଣ୍ଡିଆ ଓ ୮୭ ଜଣ ଶିଶୁଙ୍କ ଜନ୍ମଗତ ମୋତିଆବିନ୍ଦୁ ଅପରେସନ୍ କରାଯାଇଥିବା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲା ପରିଚାଳକ କୃଷ୍ଣଚନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡା ଭୀମ ସାହୁ, ଡିଇଆଇସିର ଶିଶୁରୋଗ ବିଶେଷଜ୍ଞ ଡା ସରୋଜ କୁମାର ତିଆଡି, ଡା ପଞ୍ଚଜନ୍ୟ ପଣ୍ଡା, ଫିଜିଓଥେରାପିଷ୍ଟ ଡା ସତ୍ୟଜିତ୍ ଦାସ,ଅଡିଓଲେଜିଷ୍ଟ ଅବିନାଶ କୁମାର ଉପସ୍ଥିତ ଥିଲେ।

## ନୂତନ କୃଷି ଆଇନ କୃଷକଙ୍କ ଆଶା ପୂରଣ କରିବ : ଭାଜପା

ସୋନପୁର,୧୬।୧୨(ନି.ପ୍ର.)

କେନ୍ଦ୍ର ସରକାର ଆଣିଥିବାଙ୍କ ନୂତନ କୃଷି ଆଇନ ଚାଷୀଙ୍କୁ ସଶକ୍ତ କରିବ । କୃଷକର ଆୟକୁ ୨୦୨୨ ସୁଦ୍ଧା ଦ୍ୱିଗୁଣିତ କରିବାର ଏହା ଏକ ପ୍ରୟାସ। କିନ୍ତୁ କେନ୍ଦ୍ରର ମୋଦି ସରକାରଙ୍କୁ ବିରୋଧ କରିବାକୁ ଯାଇ ବିରୋଧୀ ଦଳଗୁଡିକ କୃଷକ ହିତକାରୀ କୃଷି ବିଲ୍‌କୁ ବିରୋଧ କରୁଛନ୍ତି। ଚାଷୀଙ୍କ ସ୍ୱାର୍ଥ ପାଇଁ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସୋନପୁରଠାରେ ଏକ ଖବରଦାତା ସମ୍ମିଳନୀରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଏହି ଆଇନ ଦ୍ୱାରା ଧାନକିଣା ପ୍ରକ୍ରିୟାରେ ଚାଲିଥିବା ଦଲାଲରାଜ ସମ୍ପୂର୍ଣ୍ଣ ଦୂର ହେବ। ସୁବର୍ଣ୍ଣପୁର ଜିଲାରେ ଚାଷୀ ସମାବେଶ ଆୟୋଜନ କରି କୃଷି ଆଇନ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି । ଜିଲା କୃଷକ ମୋର୍ଚ୍ଚା ସଭାପତି କିଶୋର ହୋତାଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ଜିଲା ଭାଜପା ସଭାପତି ପ୍ରମୋଦ ମହାପାତ୍ର, ଜିଲା କୃଷକ ମୋର୍ଚ୍ଚା ପ୍ରଭାରୀ ସୂର୍ଯ୍ୟନାରାୟଣ ପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା, ସୁରେଶ ମହଲା, ଏମ୍‌ପି ପ୍ରତିନିଧି ବିମଳ ଚନ୍ଦ୍ର ମିଶ୍ର ଓ ରାଜକିଶୋର ମେଣ୍ଡଲି ସୂଚନା ଦେଇଥିଲେ ।

## ପିଠା କାର୍ଯ୍ୟକ୍ରମରେ ନିୟୋଜିତ କଳାକାରଙ୍କୁ ମିଳିନି ପାଉଣା

ଦେଓଗାଁ,୧୬।୧୨(ଡି,ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଳାକାର ସଂଘ ବିଭିନ୍ନ ସମସ୍ୟାକୁ ନେଇ ବୁଧବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ଲକ କଳାକାର ସଂଘ ଉପସଭାପତି ସୁଦାମ ଚରଣ ବିଶିଙ୍କ ନେତୃତ୍ୱରେ କଳାକାରମାନେ ବିଡିଓ ରୁଦ୍ର ପ୍ରସାଦ ସୁନାଙ୍କୁ ସାକ୍ଷାତ କରିଥିଲେ। କରୋନା ମହାମାରୀ ସମୟରେ ନିଜସ୍ୱ ଉଦ୍ୟମରେ କରୋନା ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଅନେକ ଜନହିତକର କାର୍ଯ୍ୟକ୍ରମ ବିନା ସରକାରୀ ସହାୟତାରେ ଚାଲୁ ରଖିଥିବା ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ପରିତାପର ବିଷୟ ଗତବର୍ଷ ସରକାରଙ୍କ ପ୍ରାୟୋଜିତ ପିଠା କାର୍ଯ୍ୟକ୍ରମରେ ବ୍ଲକର କଳାକାରମାନଙ୍କୁ ବିଭିନ୍ନ ଗ୍ରୁପରେ ବିଭକ୍ତ କରି ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ କରିଥିଲେ। ହେଲେ ଅଦ୍ୟାବଧି ତାଙ୍କ ପାଉଣା ଦିଆଯାଇନାହିଁ। ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ସଂଘ କର୍ମକର୍ତ୍ତା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିସହ ବ୍ଲକର କଳାକାରମାନଙ୍କ ପାଇଁ ବ୍ଲକ ମୁଖ୍ୟାଳୟରେ ଏକ ସ୍ୱତନ୍ତ ବୈଠକ ଗୃହ ପାଇଁ ଦାବି କରିଥିଲେ । ଏହି ଅବସରରେ କୋଶଲୀ ଲୋକନୃତ୍ୟ ଏକାଡେମୀର ସମ୍ପାଦକ ଧରଣୀଧର ନାୟକ, ଶ୍ରୀବତ୍ସ ସାହୁ, ବିଭୂଚରଣ ରଣା, ସତ୍ୟନାରାୟଣ ନନ୍ଦ ତଥା କର୍ମକର୍ତ୍ତା ବୃନ୍ଦ ସହଯୋଗ କରିଥିଲେ।



କଳାକାର ସଂଘ କର୍ମକର୍ତ୍ତା ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

## ନାହିଁ ବିଦ୍ୟୁତ୍ ସଂଯୋଗ, ଡିବିରି ଆଲୁଅ ଭରସା

କୋକସରା, ୧୬।୧୨ (ଡି.ଏନ.ଏ.)

ବିଦ୍ୟୁତ୍ ସେବାରୁ ବଞ୍ଚିତ ଲୋକଙ୍କ ନିକଟରେ ବିଦ୍ୟୁତ୍ ସେବା ପହଞ୍ଚାଇବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ସୌଭାଗ୍ୟ ଯୋଜନା ଆରମ୍ଭ କରାଯାଇଛି। ହେଲେ ଆଜି ବି ଏହି ଯୋଜନା ଅନେକ ଗାଁରେ ପହଞ୍ଚି ପାରିନାହିଁ। କଳାହାଣ୍ଡି ଜିଲା କୋକସରା ବ୍ଲକ ଚିକିଲି ଗାଁର ନଦୀଖଣି କଛାରପଡାର ଲୋକେ ଦୀର୍ଘ ବର୍ଷ ହେବ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଗାଁରେ ୧୬ ପରିବାରର ୧ ଶହରୁ ଊର୍ଦ୍ଧ୍ୱ ବାସ କରୁଥିବା ବେଳେ ବିଦ୍ୟୁତ ସଂଯୋଗ ନ ଥିବା ଯୋଗୁ ଲୋକେ ସନ୍ଧ୍ୟା ହେଲେ ଡିବିରି ଆଲୁଅ ଭରସାରେ ରୁହନ୍ତି। ଏଥି ଯୋଗୁ ଗାଁର ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ମଧ୍ୟ ଅନେକ ସମସ୍ୟା ଦେଖା ଦେଉଛି। ଗାଁରେ ଦୀର୍ଘ ୩ ବର୍ଷ ତଳେ ବିପିଏଲ ହିତାଧିକାରୀ ପରିବାରକୁ ବିଦ୍ୟୁତ୍ ସଂଯୋଗ ପାଇଁ ମିଟର ସହ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ପ୍ରଦାନ କରାଯାଇଥିଲା। ହେଲେ ଗାଁରେ ବିଦ୍ୟୁତ ପୋଲ କିମ୍ବା ଟ୍ରାନ୍ସଫର୍ମର ମଧ୍ୟ ଲାଗି ପାରିନାହିଁ। ଫଳରେ ଆଜି ବି ଗାଁରେ ବିଦ୍ୟୁତ ସଂଯୋଗ ହୋଇ ନ ଥିବାବେଳେ ୩ବର୍ଷ ହେବ ବିଦ୍ୟୁତ୍ ମିଟରକୁ ଲୋକେ ଅନାଇ ରହିଛନ୍ତି। ଏ ନେଇ ବିଭିନ୍ନ ସମୟରେ ଗାଁ ଲୋକ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ ବି କୌଣସି ସୁଫଳ ମିଳୁନାହିଁ। ବିଭିନ୍ନ ସମୟରେ ଠିକାଦାରମାନେ ଆସି ଟଙ୍କା ଦେଲେ ଶୀଘ୍ର ବିଦ୍ୟୁତ ସଂଯୋଗ କରିଦେବା ପାଇଁ କହୁଥିବା ତୁଳାରାମ ବଗର୍ତ୍ତି, ଜଳ ବେମାଲ, ଭିକ ଶବର, ଚକ୍ରଧର ବେମାଲ, ଡମ୍ବୁ ସୁନାନୀ, ବିନୋଦ ନିଆଲ, ଏକା ବାଗ, ବନୁଆ ନିଆଲ, ନିଳାମ୍ବର ସୁନାନୀ, ବିର ବଗର୍ତ୍ତି, ନରେନ୍ଦ୍ର ବେମାଲଙ୍କ ସମେତ ଗାଁ ଲୋକେ କହିଛନ୍ତି। ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବିଦ୍ୟୁତ ସଂଯୋଗ କରିବା ପାଇଁ ସାଧାରଣରେ ଦାବି ହେଉଛି । ଏ ନେଇ କୁସୁମଖୁଣ୍ଟି ବିଦ୍ୟୁତ୍ ସହକାରୀ ଯନ୍ତ୍ରୀ ପ୍ରଦୀପ ଦାସଙ୍କୁ ପଚାରିବାରୁ କିଛି ସ୍ଥାନରେ କାମ ଚାଲୁ ରହିଛି, ଅଳ୍ପ ଦିନ ମଧ୍ୟରେ ସମାଧାନ ହୋଇଯିବ ବୋଲି କହିଥିଲେ ।



ବିଦ୍ୟୁତ୍ ସେବାରୁ ବଞ୍ଚିତ ଚିକିଲି ନଦୀ ଖଣି କଛାରପଡାବାସୀ।

**ଅନ୍ଧାରରେ ଚିକିଲି ନଦୀ ଖଣି କଛାରପଡାବାସୀ**

**ଗାଡି ଧକ୍କାରେ ମହିଳାଙ୍କ ମୃତ୍ୟୁ**

**ଲହୁଣୀପଡା,(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଚମ୍ପଝରଣ ନିକଟରେ ବାଇକ ଆରୋହୀଙ୍କୁ ଏକ ଗାଡି ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଫଳରେ ବାଇକ୍ ଆରୋହୀ ମାଆ ପୁଅ ଆହତ ହୋଇଥିଲେ। ମାଆ ଦୁଗି ଓରାମ (୪୮) ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲେ ମଧ ଅଧା ବାଟରେ ମୃତ୍ୟୁବରଣ କରିଥିଲେ । ପୁଅ କାର୍ତ୍ତିକ ଓରାମ (୨୫) ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବରପାଇ ଚାନ୍ଦିପୋଷ ଥାନା ପୋଲିସ ରାଉରକେଲା ସରକାରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ୧୮ରୁ ଶାସନ କେନାଲରେ ପାଣି ଛଡ଼ାହେବ

**ସମ୍ବଲପୁର, ୧୬।୧୨ (ବ୍ୟୁରୋ):** ଚଳିତ ରବିଋତୁ ପାଇଁ ଶାସନ କେନାଲରେ ଡିସେମ୍ବର ୧୮ରୁ ହୀରାକୁଦ ଜଳଭଣ୍ଡାରରୁ ପାଣି ଛଡାଯିବ। ଏ ନେଇ ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରମୋଦ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡିସେମ୍ବର ୧୫ରୁ ପାଣି ଛାଡିବାକୁ ସମୟ ନିର୍ଦ୍ଧାରିତ ହୋଇଥିଲା। ଏବେ ଧାନ ଅମଳରେ ବିଳମ୍ବ ହୋଇଛି। ଶାସନ କେନାଲ ଅନ୍ତର୍ଗତ ହୁମାଟେଲ୍ ଅଞ୍ଚଳର କେତେକ ଚାଷୀଙ୍କ ଧାନ ବିଲରେ ପଡିଥିବା ବେଳେ ଆଉ କିଛି କାଟିବାକୁ ରହିଛି। କେନାଲ ପରିଦର୍ଶନ କରିବା ପରେ ୨ଦିନ ବୃଦ୍ଧି କରି ଉକ୍ତ ଚାଷୀମାନଙ୍କୁ ଶୀଘ୍ର ଧାନ ଉଠାଇନେବାକୁ ଅନୁରୋଧ କରାଯାଇଛି। ଅନ୍ୟପଟେ ଯଦି ଠିକ୍ ସମୟରେ ପାଣି ଯୋଗାଇଦିଆ ନ ଯାଏ ତା ହେଲେ ଚାଷୀମାନଙ୍କୁ ତଳି ପକାଇବାରେ ସମସ୍ୟା ହେଉଛି। ଏହାକୁ ନେଇ ମଧ ଚାଷୀମାନେ ଅଭିଯୋଗ କରିଥିଲେ। ସମସ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ ୧୮ରେ ପାଣି ଛଡାଯିବ।

### ଧାନକିଣାରେ ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୋଷ

**ରେଢ଼ାଖୋଲ,୧୬।୧୨(ଡି.ଏନ.ଏ.):** ରେଢ଼ାଖୋଲ ଉପଖଣ୍ଡରେ ଥିବା ଧାନମଣ୍ଡି ଗୁଡିକରେ ଧାନକିଣାରେ ଅବ୍ୟବସ୍ଥା ହେଉଥିବା ନେଇ ଅଭିଯୋଗ ହେଉଛି। ପ୍ରକାଶ ଯେ, ରାମପୁର ସେବା ସମବାୟ ସମିତି ଜରିଆରେ ବଡବାହାଲ ମଣ୍ଡିରେ ଧାନ କିଣାଯାଉଛି। ବୁଧବାର ନଟବର ମେହେର ନାମକ ଚାଷୀ ଧାନ ବିକ୍ରି ପାଇଁ ଯାଇଥିବା ବେଳେ କୁଇଣ୍ଟାଲ ପ୍ରତି ୧୦ କେ.ଜି. ଧାନ କାଟିବାକୁ ମିଲରଙ୍କ ଏଜେଣ୍ଟ କହିବାରୁ ସେ ଅଡୁଆରେ ପଡିଥିଲେ। ନଟବର ଏ ନେଇ ସମବାୟ ସମିତି ସମ୍ପାଦକଙ୍କୁ କହିବାରୁ ସେ ମଧ ଗୋଦାମରେ ଧାନ ରଖିବାକୁ ମନା କରିଥିଲେ। ଏହାକୁ ନେଇ ଚାଷୀମାନଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ସେ କୁଇଣ୍ଟାଲ ପ୍ରତି ୬ କେଜି କାଟିବାକୁ ରାଜି ହୋଇଥିଲେ। ସୂଚନାଯୋଗ୍ୟ ଯେ, ରେଢ଼ାଖୋଲ ଉପଖଣ୍ଡରେ ୧୮ ଧାନ ମଣ୍ଡିରେ ସେବା ସମବାୟ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନ କିଣାଯାଉଛି। ହେଲେ ମିଲର ଆସୁ ନ ଥିବାବେଳେ ତାଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟ ମନଇଚ୍ଛା କଟନୀଛଟନୀ କରୁଥିବା ନେଇ ଚାଷୀ ଅଭିଯୋଗ କରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ବୁଧବାର ସୁଦ୍ଧା ଉପଖଣ୍ଡରେ ୨୬୨୩ ଚାଷୀଙ୍କଠାରୁ ସମୁଦାୟ ୧ଲକ୍ଷ ୬୩ ହଜାର୮୫୪ ବସ୍ତା ଧାନ କିଣାଯାଇଥିବା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

**ରେଢ଼ାଖୋଲ,୧୬।୧୨(ଡି.ଏନ.ଏ.):** ରେଢ଼ାଖୋଲ ଗୌରଚନ୍ଦ୍ର ହାଇସ୍କୁଲର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ପାଣ୍ଡବ ଚରଣ ପ୍ରଧାନ (୮୬)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁତ୍ର ମହେଶ ପ୍ରଧାନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ରେଢ଼ାଖୋଲ ସହର ସମେତ ତାଙ୍କ ନିଜ ଗ୍ରାମ ବଂଶାଜାଲ ପଞ୍ଚାୟତର ମୂଷାକଟା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ରାସ୍ତାରେ ଯୁବକଙ୍କୁ ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଚିହ୍ନଟ

**ସମ୍ବଲପୁର,୧୬।୧୨(ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ଥାନା ସାକ୍ଷୀପଡା ସମଲେଇ ମନ୍ଦିର ନିକଟରେ ମଙ୍ଗଳବାର ରାତିରେ ବିଜୟ ନାଏକ (୨୦)ଙ୍କୁ ହାଣି ହତ୍ୟା କରାଯାଇଥିଲା। ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି ଓ ସେ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି ବୋଲି ସଦର ଏସ୍ଡିପିଓ ତପନ କୁମାର ମହାନ୍ତି କହିଛନ୍ତି। ପ୍ରାୟ ଏକମାସରେ ସହରରେ ୩ ହତ୍ୟାକାଣ୍ଡ ଘଟିଥିବାରୁ ଏହା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପ୍ରାୟ ୩ ମାସ ହେଲା ଉତ୍ତରାଞ୍ଚଳ ପୋଲିସ ଡିଆଇଜି ପଦ ଖାଲି ପଡିଥିବାବେଳେ ୩ ସପ୍ତାହ ହେଲା ଏସ୍ପି ପଦ ଖାଲିପଡିଛି। ବହୁ ଲୋକ ଅପରାଧିକ କାର୍ଯ୍ୟ କରୁଛନ୍ତି। ସରକାର ତୁରନ୍ତ ଏସ୍ପି ଓ ଡିଆଇଜି ପଦବୀ ପୂରଣ କରିବାକୁ ଭାଜପା ନେତା ମୁକେଶ ରିୱାଲା ଦାବି କରିଛନ୍ତି।

# ଦେବଝରଣରେ ନୂଆବର୍ଷରୁ ନୌକାବିହାର

- ଭିଏସ୍ଏସ୍ ସଦସ୍ୟଙ୍କୁ ତାଲିମ ବ୍ୟବସ୍ଥା
- ପୁରୀ ସମୁଦ୍ରରେ କରିବେ ମକ୍ଡ୍ରିଲ

**ସମ୍ବଲପୁର,୧୬।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଇକୋ ଟୁରିଜମ ଦେବଝରଣରେ ଜଳପ୍ରପାତ, ଡ୍ୟାମ, ପାର୍କ, ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ନୂଆବର୍ଷରୁ ଅର୍ଥାତ୍ ଜାନୁୟାରୀ ମାସରୁ ପର୍ଯ୍ୟଟକମାନେ ଏଠାରେ ନୌକା ବିହାରର ମଜା ଉଠାଇପାରିବେ। ଏ ନେଇ ବନ ବିଭାଗ ପ୍ରୟାସ ଆରମ୍ଭ କରିଛି। ସ୍ଥାନୀୟ ତାଲଝରନ, ଗଇଲଗୁଡି ଗ୍ରାମର ଭିଏସ୍ଏସ୍‌ର ୬ ଜଣ ସଦସ୍ୟଙ୍କୁ ବୋଟ୍ ଚଳାଇବା ପାଇଁ ତାଲିମ ଦେବା ବ୍ୟବସ୍ଥା କରାଯାଇଛି। ସେମାନେ ହେଲେ ବାବୁଲୁ ଭୁଏ, ସାଲାନ ଯୋଯୋ, କରୁଣାକର ରଣଜିତ, ସୁନୀଲ ଭୁଏ, ପ୍ରକାଶ ଭୁଏ ଓ ଅବିନାଶ ଯୋଯୋ। କଟକରେ ସେମାନଙ୍କୁ ୧୦ ଦିନିଆ ତାଲିମ ପ୍ରଦାନ କରାଯିବ। ଏହା ସହ ପୁରୀ ସମୁଦ୍ରରେ ବୋଟ୍ ଚଳାଇବା ସହ ପର୍ଯ୍ୟଟକଙ୍କୁ ଦୁର୍ଘଟଣା ସମୟରେ କିଭଳି ଉଦ୍ଧାର କରାଯିବ ସେ ନେଇ ମକ୍ଡ୍ରିଲ କରିବେ। ନୌକା ରହିବା ପାଇଁ ଡ୍ୟାମ୍ ତଟରେ ପ୍ଲାଟଫର୍ମ ନିର୍ମାଣ କରାଯିବ। ଡ୍ରଇଂ ଓ ବ୍ୟୟ ଅଟକଳ କରାଯାଇ ଅନୁମୋଦନ ପାଇଁ ଜିଲା ପ୍ରଶାସନ ପାଖକୁ ପଠାଇ ଦିଆଯାଇଛି। ଅନୁମୋଦନ ପରେ ନିର୍ମାଣ କାମ କରାଯିବ। ବୋଟ୍ କିଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଡିସେମ୍ବର ଶେଷ ସୁଦ୍ଧା ଏହି କାମ ଶେଷ ହେବ। ଜଳଭଣ୍ଡାର ଭିତରକୁ ବୋଟ୍ ଯିବାଆସିବା ପାଇଁ ଏକ ରୁଟ୍ ପ୍ରସ୍ତୁତ କରାଯାଇ ସଫା କରାଯିବ। ପର୍ଯ୍ୟଟନ ଋତୁ ଚାଲୁଥିବାରୁ ଯୁଦ୍ଧକାଳୀନଭିତ୍ତିରେ ଏହି କାର୍ଯ୍ୟ କରାଯାଉଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ସହରଠାରୁ ପ୍ରାୟ ୪୦ କିମି ଦୂରରେ ରହିଛି ଦେବଝରନ ପର୍ଯ୍ୟଟନ ସ୍ଥଳ। ବର୍ଷତମାମ ଏଠାକୁ ପର୍ଯ୍ୟଟକ ଆସୁଥିବାବେଳେ ନଭେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ଏହି ସଂଖ୍ୟା ବୃଦ୍ଧି ପାଇଥାଏ। ୨ ବର୍ଷ ତଳେ ଇକୋ ଟୁରିଜମ ଘୋଷଣା ପରେ ୱାଚ୍ଟାୱାର, ପାଦ ଚଲା ପଥ ରାସ୍ତା ନିର୍ମାଣ କାମ, ସୁରକ୍ଷା ବାର୍ତ୍ତା ସୂଚନା, ପାଇଖାନା, ନଳକୂପ, ରୋଷେଇ ପିଣ୍ଡି ନିର୍ମାଣ କାମ କରାଯାଉଛି।


ଦେବଝରଣରେ ଥିବା ପୁରୁଣା ବୋଟ୍।

# ପୋଲିସ-ଜନତା ମୁହାଁମୁହିଁ: ଡିଏଭି ଛକରେ ଉତ୍ତେଜନା


ବାସନ୍ତୀ କଲୋନୀ ଡିଏଭି ଛକରେ ପୋଲିସ ଜନତା ମୁହାଁମୁହିଁ ହୋଇଛନ୍ତି।

**ରାଉରକେଲା ଅଫିସ, ୧୬।୧୨**

ବାସନ୍ତୀ କଲୋନୀ ଡିଏଭି ଛକରେ ବୁଧବାର ଅପରାହ୍ନ ୨ଟାରେ ଗାଡି ଚେକିଂକୁ ନେଇ ପୋଲିସ ଜନତା -ମୁହାଁମୁହିଁ ହୋଇଥିଲେ। କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଏକ ଭାରିଯାନକୁ ଅଟକାଇ ଜଣେ ଟ୍ରାଫିକ ପୋଲିସ ଟଙ୍କା ମାଗିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତେବେ ଚେକିଂ ଦାୟିତ୍ୱରେ ରହିଥିବା ଅଧିକାରୀ ମଦ୍ୟପାନ କରିଥିବା କେତେଜଣ ଯୁବକ ଅଭିଯୋଗ କରିଥିଲେ। ପୋଲିସ ମଧ ସମ୍ପୃକ୍ତ ଯୁବକଙ୍କୁ ଗାଳିଦେଇ ଧମକ ଦେଇଥିଲା। ଯାହାକୁ ନେଇ ପୋଲିସ ଜନତା ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଶହଶହ ଲୋକ ରୁଣ୍ଡ ହୋଇ ପୋଲିସ ଆଚରଣର ପ୍ରତିବାଦ କରିଥିଲେ। ଏହା ଦୀର୍ଘ ଘଣ୍ଟାଏ କାଳ ଜାରି ରହିଥିଲା। ଉଦିତନଗର ପୋଲିସ, ଛେଣ୍ଡ ପୋଲିସ ଓ ଟ୍ରାଫିକ ବିଭାଗ ଡିଏସ୍ପି ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ଶାନ୍ତ କରାଇଥିଲେ। ଘଟଣାରେ ସମ୍ପୃକ୍ତ ୨ଜଣ ଯୁବକ ଓ ଟ୍ରାଫିକ ପୋଲିସଙ୍କୁ ନେଇ ପଚରାଉଚରା କରିବାକୁ ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା।

# ମିଳିତ ମଞ୍ଚ ପକ୍ଷରୁ ଧାରଣା


ସୁନ୍ଦରଗଡ ଡିଭିଜନ ଶାଖା ପକ୍ଷରୁ ଧାରଣା ଦିଆଯାଇଛି।

**ସୁନ୍ଦରଗଡ଼, ୧୬।୧୨ (ଡି.ଏନ୍.ଏ)**

**ଏକତରଫା ୱେସ୍କୋ ବିକ୍ରି ପ୍ରସଙ୍ଗକୁ ବିରୋଧ**

ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକର ଗୋଟିଏ ପରେ ଗୋଟିଏ ଅଭାବୀ ବିକ୍ରୀ ଚାଲିଛି। ପ୍ରଥମେ ସେସୁ ବିକ୍ରୀ ପରେ ଏବେ ୱେସ୍କୋ ଓ ସାଉଥକୋ ବିକ୍ରି ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ଏକତରଫା ଭାବେ ଏହି ବିକ୍ରୀ ପ୍ରସଙ୍ଗକୁ ବିରୋଧ କରି ବୁଧବାର ପଶ୍ଚିମ ଓଡିଶା ବିଦ୍ୟୁତ୍ ଶ୍ରମିକ, କର୍ମଚାରୀ ଓ ଇଞ୍ଜିନିୟରସ୍ ମିଳିତ ମଞ୍ଚ ସୁନ୍ଦରଗଡ ଡିଭିଜନ ଶାଖା ପକ୍ଷରୁ ସ୍ଥାନୀୟ ବିଦ୍ୟୁତ୍ (ୱେସ୍କୋ) ଡିଭିଜନ ଅଫିସ୍ ଆଗରେ ଧାରଣା ଦିଆଯାଇଥିଲା। ବିଦ୍ୟୁତ୍ କ୍ଷେତ୍ରକୁ ଘରୋଇକରଣ ଦ୍ୱାରା କାର୍ଯ୍ୟରତ କର୍ମଚାରୀ, ଶ୍ରମିକ ଓ ଇଞ୍ଜିନିୟର କ୍ଷତିଗ୍ରସ୍ତ ହେବା ସହ ଉପଭୋକ୍ତା ଉପରେ ବିଦ୍ୟୁତ୍ଶୁଳ୍କ ଚାପ ପଡିବ ବୋଲି ସଙ୍ଗଠନର ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ୨୦୧୫ରୁ ସରକାରଙ୍କ ଗ୍ରୀଡକୋ ଅଧୀନକୁ ଯାଇଥିବା ତିନୋଟି ସଂସ୍ଥା ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଉନ୍ନତି କରିବା ସହ ସରକାରଙ୍କ କୋଟି କୋଟି ଟଙ୍କାର କ୍ଷତିକୁ ବଞ୍ଚାଯାଇପାରିଛି । ବିଭିନ୍ନ ବିଷୟକୁ ନେଇ ଦ୍ୱିପାକ୍ଷିକ ଆଲୋଚନା କରା ନ ଯାଇ ବର୍ତ୍ତମାନ ଏକତରଫା ଭାବେ ୱେସ୍କୋକୁ ଘରୋଇକରଣ କରାଯିବା ପଦକ୍ଷେପକୁ ମିଳିତ ମଞ୍ଚ ପକ୍ଷରୁ ଦୃଢ ବିରୋଧ କରାଯାଇଛି । ୭ଦିନ ମଧ୍ୟରେ ଟାଟାକୁ ଦିଆଯାଇଥିବା ବିକ୍ରୀ ପ୍ରସ୍ତାବ ପ୍ରତ୍ୟାହାର କରା ନ ଗଲେ ମିଳିତ ମଞ୍ଚ ପକ୍ଷରୁ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି କୁହାଯାଇଛି । ୱେସ୍କୋର କର୍ପୋରେଟ ଅଫିସ ସମେତ ସମସ୍ତ ଡିଭିଜନ ଓ ସବଡିଭିଜନ ଅଫିସ ଆଗରେ ମିଳିତ ମଞ୍ଚ ପକ୍ଷରୁ ଏହି ଧାରଣା ଜାରି ରହିବ ବୋଲି କୁହାଯାଇଛି । ଏକତା ମଞ୍ଚର ଡିଭିଜନ ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନ, ଉପସଭାପତି ସୁନୀଲ ଚୌଧୁରୀ, ଜୟନ୍ତ ଚାଲାନ୍, ଇଞ୍ଜିନିୟର ସଂଘ ପକ୍ଷରୁ ସୁଶାନ୍ତ କୁମାର ପଣ୍ଡା, ପ୍ରଭାତ କୁମାର ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା।

### ପରୀ ହତ୍ୟାକାଣ୍ଡକୁ ନେଇ ରାଜ୍ୟବ୍ୟାପୀ ପଦଯାତ୍ରା

**ଲଖନପୁର,୧୬।୧୨(ଡି.ଏନ୍.ଏ.)**

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମଙ୍ଗଳବାର ଝାରସୁଗୁଡା ଜିଲା ଗସ୍ତରେ ଆସି ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଭାଜପା ଜିଲା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ମହାନ୍ତିଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ପ୍ରଭାରୀ ଶଙ୍କର ଓରାମ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଦୀନେଶ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସଭାପତି ମହାନ୍ତି କହିଥିଲେ, ପରୀ ହତ୍ୟାକାଣ୍ଡକୁ ନେଇ ଭାଜପା ଆନ୍ଦୋଳନକୁ ଓହ୍ଲାଇଛି। ଇତିମଧ୍ୟରେ ୪ମାସ ବିତିଯାଇଥିଲେ ମଧ୍ୟ ପୋଲିସ ଏହାର ଖୋଲାସା କରିବାରେ ବିଫଳ ହୋଇଛି। ସଭାରେ ସୁନୀଲ ପଣ୍ଡା, ନବଲ ଅଗ୍ରୱାଲ, ସଞ୍ଜୟ ସିଂହ, ବିଶ୍ୱଜିତ ଷଡଙ୍ଗୀ, ଶ୍ଳୋକ ଶର୍ମା, ବାବ୍ଲୁ ସିଂହ, ନେତାଜୀ ପଟ୍ଟନାୟକ ପ୍ରମୁଖ ନେତା ଉପସ୍ଥିତ ଥିଲେ।

### ହାତୀ ଉପଦ୍ରବ: ଭାଙ୍ଗିଲେ ଘର, ନଷ୍ଟକଲେ ଫସଲ

**ଦେବଗଡ଼, ୧୬।୧୨ (ଡି.ଏନ.ଏ)**

ମଙ୍ଗଳବାର ରାତ୍ରିରେ ୨୨ଟି ହାତୀ ବାରକୋଟ ଫରେଷ୍ଟ ରେଞ୍ଜ ଓ ବଳମ ଫରେଷ୍ଟ ସେକ୍ସନ ଅଞ୍ଚଳରେ ଉପଦ୍ରବ କରିଛନ୍ତି। ଏହି ସେକ୍ସନର ବଡଛାପଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଘଘର ଗ୍ରାମରେ ପଶି ୨ଟି ଘର ଭାଙ୍ଗି ଧାନ, ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଖାଇଦେବା ସହ ମାଡିଦଳି ବହୁ କ୍ଷୟକ୍ଷତି ଘଟାଇଥିବା ଜଣାପଡିଛି। ଘଘର ଗ୍ରାମରେ ପଶି ମକା ଭୋଇଙ୍କ ଘରର ଏକ କାନ୍ଥ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦେବା ସହ ଘରେ ଥିବା ଧାନ ଓ ଚାଉଳ ସମେତ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଆଦି ଖାଇଦେବା ସହ ମାଡିଦଳି ନଷ୍ଟ କରିଥିଲେ । ଏପରିକି ତାମ୍ବି, ଡେକଚି, କଡେଇ, କଂସା ବାସନ ଓ ସାଇକେଲ ଆଦି ମାଡି ଭାଙ୍ଗିଦେଇଥିଲେ। ହାତୀ ଭୟରେ ପରିବାର ସହ ବାହାରକୁ ଧାଇଁଯାଇ ମକା ନିଜର ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ। ସେହିପରି ଉକ୍ତ ଗ୍ରାମର ବୁଧୁ ପ୍ରଧାନଙ୍କ ଘରର ଝରକା ଓ ଆଜବେଷ୍ଟସ ଛାତ ଭାଙ୍ଗି ଘର ଭିତରେ ଥିବା ଧାନ ଓ ଚାଉଳ ଆଦି ଖାଇଦେଇଥିଲେ । ଉକ୍ତ ହାତୀଦଳ ନିକଟରେ ଥିବା ପ୍ରେମାନନ୍ଦ ନାୟକଙ୍କର ବଗିଚାରେ ପଶି ବିସ୍ତୀର୍ଣ୍ଣ ଅଞ୍ଚଳରେ ହୋଇଥିବା କାକୁଡି, ଝୁଡଙ୍ଗ ଓ ଆଳୁ ଫସଲ ନଷ୍ଟ କରିଦେଇଥିଲେ। ଏହା ପରେ ଗ୍ରାମବାସୀ ମିଳିତ ଭାବେ ଉକ୍ତ ହାତୀଦଳକୁ ଘଉଡାଇବାରୁ ହାତୀଦଳ ନିକଟସ୍ଥ ଜଙ୍ଗଲ ମଧକୁ ଚାଲିଯାଇଥିଲେ। ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗ୍ରାମବାସୀ ଏ ସମ୍ପର୍କରେ ବାରକୋଟ ଫରେଷ୍ଟ ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁଙ୍କୁ ଅଭିଯୋଗ କରିବାରୁ ତାଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟଗାର୍ଡ ଗୀତାଞ୍ଜଳୀ ବିଶ୍ୱାଳ ଉକ୍ତ ଗ୍ରାମକୁ ଯାଇ କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ବଡଛାପଲ ସରପଞ୍ଚ ଅଜିତ ଭୋଇ ଓ ପୂର୍ବତନ ସରପଞ୍ଚ ଠକଲାଲ ଠାକୁର କ୍ଷତିଗ୍ରସ୍ତଙ୍କ ଘରକୁ ଯାଇ ସେମାନଙ୍କର ଦୁଃଖ ବୁଝିଥିଲେ। ଏହି ଅବସରରେ ସରପଞ୍ଚ ଭୋଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ କିଛି ଚାଉଳ ପ୍ରଦାନ କରିବା ସହ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ ମୁଣ୍ଡ ଗୁଞ୍ଜିବା ପାଇଁ ବାସଶୂନ୍ୟ ମକା ଭୋଇଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଏକ ଆବାସ ଯୋଗାଇଦେବାକୁ ଦାବି ଜଣାଇଛନ୍ତି।

### ୫ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କ ନିଖୋଜ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ ରାଜ୍ୟ ସରକାର

**ରାଉରକେଲା ଅଫିସ ୧୬।୧୨**

ପରୀ ଓ ତାର ମାଆ ବାପାଙ୍କୁ ନ୍ୟାୟ ଦେବାକୁ ଭାଜପା ପଦ୍ଧପରିକର। ଏଥିପାଇଁ ଦଳ ପକ୍ଷରୁ ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରରେ ଚଳିତ ମାସ ୧୫ରୁ ୨୦ ତାରିଖ ଯାଏ ପଦଯାତ୍ରା କରାଯିବ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ସିବିଆଇ ତଦନ୍ତ ଦାବି କରିବ ଦଳ। ଏଥିସହ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଥିବା ମନ୍ତ୍ରୀ ଅରୁଣ ସାହୁ ଇସ୍ତଫା ଦିଅନ୍ତୁ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଦାବି କରିଛନ୍ତି । ବୁଧବାର ପୂର୍ବାହ୍ନ ୧୦ଟା ବେଳେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାନ୍ତି ଏଭଳି ଦାବି କରିଥିଲେ। ରାଜ୍ୟ ମୁଖପାତ୍ର ଧିରେନ ସେନାପତି ଏଥିରେ ଅଧକ୍ଷତା କରିଥିଲେ। ମହାନ୍ତି କହିଥିଲେ ରାଜ୍ୟରେ ଅନ୍ୟୁନ ୫ ହଜାରରୁ ଉର୍ଦ୍ଧ୍ୱ ଶିଶୁ ନିଖୋଜ ଅଛନ୍ତି। ଏବେ ଜଣେ ସାଧାରଣ ଗରିବ ଅଟୋ ଚାଳକଙ୍କ ଝିଅ ପରୀ ହତ୍ୟାକାରୀକୁ ରାଜ୍ୟ ସରକାର ଧରି ପାରୁ ନାହାଁନ୍ତି। ସରକାର ସିବିଆଇ ତଦନ୍ତ ବଦଳରେ ଏସଆଇଟି ତଦନ୍ତ ଆଳରେ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛି। ଦରକାର ହେଲେ ପରୀ ଗ୍ରାମକୁ ସମସ୍ତ ବିଧାୟକ ଯାଇ ପରୀର ବାପା ମାଆଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛି ଦଳ।

ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ମହାନ୍ତିଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ନିହାର ରାୟ, ଭଗବାନ ରାଉତ, ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

### ଆୟ ବହିର୍ଭୂତ ସମ୍ପତ୍ତିଠୁଳ ମାମଲା, ଜେଲ୍ ଗଲେ ସହକାରୀ ଯନ୍ତ୍ରୀ

**ସୁନ୍ଦରଗଡ଼, ୧୬।୧୨ (ଡି.ଏନ୍.ଏ)**

ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସୁନ୍ଦରଗଡ ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ନାରାୟଣ ପ୍ରଧାନଙ୍କୁ ଭିଜିଲାନ୍ସ ବିଭାଗ ବୁଧବାର ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି। ଚଢାଉ ପରେ ତାଙ୍କର ୨କୋଟି ୩୩ଲକ୍ଷ ଟଙ୍କା ମୂଲ୍ୟର ଆୟ ବହିର୍ଭୂତ ସମ୍ପତ୍ତି ଥିବା ଭିଜିଲାନ୍ସ ବିଭାଗ ତଦନ୍ତ ପରେ ଜଣାପଡିଛି । ଏନେଇ ତାଙ୍କ ବିରୁଦ୍ଧରେ ରାଉରକେଲା ଭିଜିଲାନ୍ସ କେଶ (ନଂ ୬।୨୦) ରୁଜୁ ହୋଇଛି ।

# ପୋକରା ପିଡିଏସ୍ ଚାଉଳ ଫେରାଇଲେ ସରପଞ୍ଚ

**ରିଆମାଳ, ୧୬।୧୨ (ଡି.ଏନ.ଏ)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ମଳେହିପଡା ପଞ୍ଚାୟତରେ ବୁଧବାର ପିଡିଏସ୍ ଚାଉଳକୁ ସରପଞ୍ଚ ହାବିଲ ସାହୁ ଫେରାଇ ଦେଇଥିବା ଜଣାପଡିଛି। ଘଟଣା ଅନୁସାରେ ପଞ୍ଚାୟତକୁ କିଛି ମାସ ହେବ ଠିକ୍ ମାପଠାରୁ କମ୍ ଏବଂ ଅତି ନିମ୍ନମାନର ଚାଉଳ ଆସୁଥିବା ବାରମ୍ବାର ଯୋଗାଣ ବିଭାଗକୁ ଅଭିଯୋଗ କରି ଆସୁଥିଲେ। ବୁଧବାର ୪୭୫ ପ୍ୟାକେଟ ଚାଉଳ ଆସିଥିବାବେଳେ ଯୋଗାଣ ସହାୟିକା ସୁନୀତା ପ୍ରଧାନ ପୋକରା, ଧୂଳିଗୁଣ୍ଡା ଯୁକ୍ତ ତଥା ମୁଷାଲେଣ୍ଡି ଓ ଜାଲିଭିଡା ଚାଉଳ ଏବଂ ଫଟା ବସ୍ତାରେ ଆସିଥିବା ଦେଖିବାକୁ ପାଇଥିଲେ। ଫଳରେ ସେ ଏମଆଇ ଜୟନ୍ତ କୁଣ୍ଡୁ ଏବଂ ସରପଞ୍ଚ ହାବିଲ ସାହୁ, ସମିତି ସଭ୍ୟ ଅମୂଲ୍ୟ ପ୍ରଧାନଙ୍କୁ ଜଣାଇ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଗୋଦାମ ଘରକୁ ଡକାଇଥିଲେ। ସରପଞ୍ଚ ସାହୁ ଏବଂ ସମିତି ସଭ୍ୟ ପ୍ରଧାନ ସେଠାରେ ପହଞ୍ଚି ଅତି ନିମ୍ନମାନର ଚାଉଳ ଦେଖି ତାକୁ ଫେରାଇ ଦେବା ପାଇଁ କହିଥିଲେ। କାରଣ ଚାଉଳ ନେବା ସମୟରେ ଉପଭୋକ୍ତାମାନେ ନିମ୍ନମାନର ଚାଉଳ ପାଇଁ ଅସନ୍ତୋଷ ଜାହିର କରିବା ସହିତ ଗାଳିଗୁଲଜ କରିଥାଆନ୍ତି। ଚାଉଳ ପ୍ୟାକେଟରେ କମ ଆସୁଥିବାରୁ ବହୁ ସମୟରେ ଯୋଗାଣ ସହାୟିକା ନିଜ ହାତରୁ ଅର୍ଥ ବହନ କରୁଥିବା ଜଣାଇଥିଲେ। ବିଡିଓ ଦିବ୍ୟଶଙ୍କର ଜୟପୁରିଆଙ୍କୁ ଏହି ବିଷୟରେ ପଚାରିବାରୁ ଏମଆଇ କିମ୍ବା ସିଏସଓ ଏହାର ଉତ୍ତର ଦେଇ ପାରିବେ ବୋଲି କହିଥିଲେ। କିଛି ଦିନ ତଳେ ପିଡିଏସ୍ ସାମଗ୍ରିରେ ଆସୁଥିବା ଗହମରେ କଣ୍ଟାଜାତୀୟ ଏକ ଫଳ ମିଶି ଆସୁଥିବାରୁ ଉପଭୋକ୍ତାମାନେ ଅସନ୍ତୋଷ ଜାହିର କରିଥିଲେ। ଏବେ ପ୍ରତ୍ୟେକ ପଂଚାୟତକୁ ଏହି ଭଳି ନିମ୍ନମାନର ଚାଉଳ ଆସୁଥିବାରୁ ଯୋଗାଣ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଲେ ଉପଭୋକ୍ତାମାନେ ଖାଇବା ଚାଉଳ ଗଣ୍ଡାକ ନେଇ ଖୁସିରେ ଖାଇପାରନ୍ତେ। ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନ କରାଯାଏ ତା'ହେଲେ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମଳେହିପଡା ସରପଞ୍ଚ ଓ ସମିତି ସଭ୍ୟ କହିଥିଲେ ।

# ୱେସ୍କୋ ଅଫିସ ଆଗରେ ମିଳିତ ମଞ୍ଚର ଧାରଣା

**ସମ୍ବଲପୁର,୧୬।୧୨(ବ୍ୟୁରୋ)**

ବିଦ୍ୟୁତ୍ ଘରୋଇକରଣକୁ ବିରୋଧ କରି ବୁଧବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ୱେସ୍କୋ ଅଫିସ ସମ୍ମୁଖରେ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିଲା। ଏଥିରେ ସମ୍ବଲପୁର ସମେତ ବଲାଙ୍ଗୀର, କଳାହାଣ୍ଡି, ବରଗଡ ଆଦି ଜିଲାର କର୍ମଚାରୀମାନେ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା।

ବିକ୍ଷୋଭକାରୀ ଅଭିଯୋଗ କରିଥିଲେ, ବିଗତ ୨୦ବର୍ଷର ଘରୋଇକରଣ ଯୋଗୁ ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଛି। ଘରୋଇ କମ୍ପାନୀ ରାଜସ୍ୱ ଲୁଟ୍ କରିଥିବା ଅନେକ ନଜିର ରହିଛି। ଏପରିସ୍ଥଳେ ପୁଣି ଥରେ ୱେସ୍କୋକୁ ଟାଟା ପାୱାର (ଘରୋଇ କମ୍ପାନୀ) ହାତରେ ଟେକି ଦିଆଯାଉଛି। ଏହାକୁ ୱେସ୍କୋ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ ବିରୋଧ କରୁଛି। ଟାଟା ପାୱାର ସେସୁକୁ କିଣିବା ପରେ କର୍ମଚାରୀଙ୍କ ସର୍ତ୍ତାବଳୀରେ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ ଜାରି ରଖିଛି।



ବୁର୍ଲାର ୱେସ୍କୋ କର୍ପୋରେଟ ଅଫିସ ସମୁଖରେ ଧାରଣା ଦିଆଯାଇଛି।

**ବିଦ୍ୟୁତ୍ ଘରୋଇକରଣକୁ ବିରୋଧ**

ରାଜ୍ୟରେ ଯୁବତୀଯୁବକ ବେକାର ହୋଇ ବସିରହିଥିବାବେଳେ ରାଜ୍ୟ ବାହାରୁ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଉଛି। ଉପଭୋକ୍ତା ସିକ୍ୟୁରିଟି ଟଙ୍କା ଓ ସେସୁ ସମ୍ପତ୍ତି ବନ୍ଧାରଖି ବଜାରରୁ ଋଣ ଉଠାଇବା ପାଇଁ ଓଇଆର୍ସିରେ ଆବେଦନ କରିଛି। ଏଥିରୁ ଟାଟାର ଦୂରଭିସନ୍ଧି ସ୍ପଷ୍ଟ ହେଉଛି। ଘରୋଇକରଣ ଉପଭୋକ୍ତା ଓ ଜନସାଧାରଣ ପ୍ରତି ଉପହାସ ସଦୃଶ। ୨୦୧୫ ପରେ ଗ୍ରୀଡ୍କୋ ଅଧୀନରେ ରାଜ୍ୟରେ ତିନୋଟି ସଂସ୍ଥା ବିଭିନ୍ନ ଜୋନ୍‌ରେ କାମ କଲେ। ସେଥିରେ କ୍ରମାଗତ ଭାବେ ଲାଭ ମିଳିଥିବାବେଳେ କାହିଁକି ପୁଣି ଘରୋଇକରଣ କରିବାକୁ ସରକାର ଯୋଜନା କଲେ ବୋଲି ପ୍ରଶ୍ନ କରିଥିଲେ। ଯଦି ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରିବେ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଲଳିତ ପଟ୍ଟନାୟକ, ପ୍ରଣୟ ନାୟକ, ଜଗନ୍ନାଥ ବରିହା, ପ୍ରଭାତ ହୋତା, ହରିହର ଜେନା, ଆଦିତ୍ୟ ପ୍ରଧାନ, ସୁବ୍ରତ ପଣ୍ଡା, ନାଟୁ ଗୋପାଳ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୭ ଡିସେମ୍ବର, ୨୦୨୦



**ଧାନଖରିରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ**

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଅନ୍ତର୍ଗତ ପାଚେର ଗାଁରେ ୨ ଚାଷୀଙ୍କ ଧାନ ଖରିରେ ମଙ୍ଗଳବାର ବିଳମ୍ବିତ ରାତିରେ କେହି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନେ ହେଲେ ଗାଁର ନାରାୟଣ ନାଏକ ଏବଂ ଜନ୍ମେଜୟ ନାଏକ। ଧାନ କାଟିଲା ପରେ ଉଭୟେ ଖଳାରେ ଖରି କରି ରଖିଥିଲେ । ବିଳମ୍ବିତ ରାତିରେ ନିଆଁ ଜଳୁଥିବା ଜାଣିବା ପରେ ଖପ୍ରାଖୋଲ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କଲାବେଳକୁ ଖରିରୁ ଅଧା ପୋଡିଯାଇଥିଲା । ଚାଷୀ ମାନେ ଖପ୍ରାଖୋଲ ଥାନା ଏବଂ ତହସିଲଦାରଙ୍କଠାରେ ଲିଖିତଭାବେ ଜଣାଇଛନ୍ତି।

## ୧୨ ଦିନ ଧରି ସ୍ପିନିଂ ମିଲ୍‌ରୁ ଉତ୍ପାଦନ ବନ୍ଦ

**ସୋନପୁର,୧୬।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଏକମାତ୍ର ଶିଳ୍ପାନୁଷ୍ଠାନ ହେଉଛି ସ୍ପିନିଂମିଲ୍। ଜିଲା ସଦର ମହକୁମାରେ ଅବସ୍ଥିତ ଗଣପତି ବାଲାଜୀ ସ୍ପିନିଂ ମିଲ୍‌ର ଭବିଷ୍ୟତ ଏବେ ଅନ୍ଧକାରରେ। ୧୨ଦିନ ଧରି ମିଲ୍‌ର ଉତ୍ପାଦନବନ୍ଦରହିଛି ।ଶ୍ରମିକମାନେଏବେ ଚିନ୍ତାରେ ଅଛନ୍ତି। ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ୧୯୮୨ ମସିହାରେ ଏହି ମିଲ୍ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ଅବିଭକ୍ତ ବଲାଙ୍ଗୀର ଜିଲାର ଏହା ପ୍ରଥମ ଶିଳ୍ପାନୁଷ୍ଠାନର ମାନ୍ୟତା ପାଇଥିଲା। ସ୍ପିନିଂ ମିଲ୍ ସ୍ଥାପନର ଲକ୍ଷ୍ୟ ଥିଲା, ପଛୁଆ ଅଞ୍ଚଳର ବିକାଶ, ବେକାରିଙ୍କୁ ନିଯୁକ୍ତି ଓ ସ୍ଥାନୀୟ କପା ଚାଷୀଙ୍କ ସ୍ୱାର୍ଥ ରକ୍ଷା। ଅଳ୍ପ ମୂଳଧନରେ ମାତ୍ର ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ କାରଖାନାରେ ଆଖପାଖ ଅଞ୍ଚଳର ପ୍ରାୟ ଦେଢ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ନିଯୁକ୍ତି ପାଇଥିଲେ।

ପ୍ରତିଷ୍ଠାର ଅଳ୍ପ କିଛି ବର୍ଷ କାରଖାନା ଠିକ୍‌ଠାକ୍ ଚାଲିଥିଲା। ତେବେ ପରିଚାଳନାଗତ ତ୍ରୁଟି କାରଣରୁ କାରଖାନା କ୍ଷତି କରି ଚାଲିଲା । ପ୍ରଥମେ ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ସୋନପୁର ସ୍ପିନିଂ ମିଲ୍(ସୂତା ତିଆରି କାରଖାନା)କୁ ପରିଚାଳନା କରୁଥିବା ବେଳେ ୧୯୯୦ ମସିହା ଏପ୍ରିଲ ମାସରୁ ଏବିଏସ କମ୍ପାନୀକୁ ପରିଚାଳନା ଦାୟିତ୍ୱ ଦିଆ ଯାଇଥିଲା। ଏହା କମ୍ପାନୀର ପରିଚାଳନାଗତ ସୁବିଧା ଓ ଉତ୍ପାଦନ ବୃଦ୍ଧି ପାଇଁ କାର୍ଯ୍ୟ କରିବ ବୋଲି କୁହା ଯାଇଥିଲା। କିନ୍ତୁ ୧୯୯୨ଅଗଷ୍ଟ ମାସରେ ସୋନପୁର ସମେତ ବାରିପଦା ଓ ଆସ୍କା ସ୍ପିନିଂ ମିଲ୍‌କୁ ବିକ୍ରି କରିବା ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କଲେ। ମାତ୍ର ଶ୍ରମିକ ଓ କର୍ମଚାରୀଙ୍କ ତୀବ୍ର ବିରୋଧ ଫଳରେ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଫଳରେ ଶିଳ୍ପ ଉନ୍ନୟନ ନିଗମ ଯେଉଁ ଆର୍ଥିକ ସହାୟତା ଯୋଗାଉ ଥିଲେ ତାହା ବନ୍ଦ କରିଦେଲେ। କାରଖାନାର ଉତ୍ପାଦନ ହ୍ରାସ ପାଇବା ସହ ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହେଲେ। ସରକାର ଏହାକୁ ରୁଗ୍‌ଣ ଶିଳ୍ପ ବୋଲି ଘୋଷଣା କଲେ। ୧୯୯୨ରେ ଏହି ସୂତାକଳକୁ ବ୍ୟବସାୟୀଙ୍କ ହାତରେ ଟେକି ଦିଆଗଲା।



ସୋନପୁର ଗଣପତି ବାଲାଜୀ ସ୍ପିନିଂ ମିଲ୍ ।

**ଅବିଭକ୍ତ ବଲାଙ୍ଗୀର ଜିଲାର ପ୍ରଥମ ଶିଳ୍ପ**

■ ବେସରକାରୀ ସଂସ୍ଥାକୁ ମିଲ୍ ଟେକି ଦେବାର ଫଳ

ସୂତା ବ୍ୟବସାୟୀ ମାନେ ତୁଳା ଦେଇ ସୂତା ନେଲେ। ୧୯୯୨ରୁ ୨୦୦୧ ପର୍ଯ୍ୟନ୍ତ ସୋନପୁର ସ୍ପିନିଂ ମିଲ୍‌କୁ କେକେ ସ୍ପିନର, ଓଏସଏମ, ଏଚ ଆର ଇଣ୍ଟରନ୍ୟାସନାଲ ଗୁହାଟିଆ, ଓଡିଏମପିଏଲ ନାମକ ସଂସ୍ଥା ସହିତ ରାଜିନାମା କରାଯାଇ ମିଲ୍‌କୁ ଚଲାଗଲା। ବିଦ୍ୟୁତ୍ ଦେୟ, ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ବଢି ବଢି ଚାଲିଥିବା ବେଳେ କନଭର୍ସନ ରେଟ୍ କମିଥିଲା। ଫଳସ୍ୱରୂପ କନଭର୍ସନ ରାଜିନାମା କରିବା ପରେ ବ୍ୟବସାୟରେ ଲାଭ ହେଲା କିନ୍ତୁ ମିଲ୍‌ର ଦୁରାବସ୍ଥା ଲାଗିରହିଲା। ଆୟ ହ୍ରାସ ପାଇବାରୁ ଶ୍ରମିକମାନେ ଠିକ୍ ସମୟରେ ଦରମା ପାଇଲେ ନାହିଁ କି ବିଦ୍ୟୁତ୍ ଦେୟ ଠିକ୍ ସମୟରେ ପୈଠ ହୋଇପାରିଲା ନାହିଁ। ବିଦ୍ୟୁତ୍ ଦେୟ ବଢି ୧କୋଟି ୨୦ଲକ୍ଷରେ ପହଞ୍ଚିବା ପରେ ବିଦ୍ୟୁତ୍ ସଂଯୋଗ କାଟି ଦିଆଗଲା। ୨୦୦୧ରେ ମିଲ୍ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେଲା। ଏହା ପୂର୍ବରୁ ୧୯୯୯ରେ ମଧ୍ୟ ୮ମାସ ମିଲ୍ ବନ୍ଦ ରହିଥିଲା। ୨୦୦୭ରେ ବେସରକାରୀ ପ୍ରତିଷ୍ଠାନ କଲିକତାର ଫିରୋଜା ସ୍ପିନିଂ ମିଲ୍‌ର ମାଲିକ ବିଜୟ ଅଗ୍ରୱାଲାଙ୍କୁ ମିଲ୍ ଦାୟିତ୍ୱ ଦିଆଗଲା। ଏହାର ୩ବର୍ଷ ପରେ ୨୦୧୦ରେ ଏହା କାର୍ଯ୍ୟାରମ୍ଭ କରିବା ସହିତ ଉତ୍ପାଦନ ଆରମ୍ଭ କଲା। ପରବର୍ତ୍ତୀ ସମୟରେ ଏହାର ନାମ ପରିବର୍ତ୍ତନ କରାଯାଇ ବାଲାଜୀ ଗଣପତି ସ୍ପିନିଂ ମିଲ୍ ରଖାଯାଇଛି। ୧୫୦ ନିୟମିତ ଶ୍ରମିକ ୧୦୦ ଟ୍ରେନିଂ ଶ୍ରମିକରେ କାମ ଚାଲିଲା। ମଝିରେ ମଝିରେ କାରଖାନାର ଉତ୍ପାଦନ ବନ୍ଦ ରହୁଥିବାରୁ ଶ୍ରମିକ ସଂଖ୍ୟା ହ୍ରାସ ପାଇ ଏବେ ୪୦ରେ ପହଞ୍ଚିଛି। କାରଖାନା ମାଲିକ ସ୍ପିନିଂ ମିଲ୍ ନାମରେ ଥିବା ଶତାଧିକ ଏକର ମୂଲ୍ୟବାନ ଜମିକୁ ହାତେଇବା ପାଇଁ ନାମକୁ ମାତ୍ର ମିଲ୍ ଚଲାଉଥିବା ଅଭିଯୋଗ ହେଉଛି।

## ସଂକ୍ଷେପରେ

### ବାହାରିଲା ପ୍ରଧାନମନ୍ତ୍ରୀ ଆବାସ ସଚେତନତା ରଥ

**ଦେଓଗାଁ,୧୬।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ସଚେତନତା ରଥର ଶୁଭାରମ୍ଭ ହୋଇଛି। ବିଡିଓ ରୁଦ୍ର ପ୍ରସାଦ ସୁନା ଏହି ରଥକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ବିପିସି ଦୟାଲୁ ସାହୁଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ବିପିଏ ଅବିନାଶ ସାହୁ, ପପଲୁ ପଧାନ ଉପସ୍ଥିତ ଥିଲେ। ଏହି ରଥ ବ୍ଲକର ୨୬ପଞ୍ଚାୟତର ଗାଁ ଗାଁ ବୁଲି ହିତାଧିକାରୀଙ୍କୁ ଆବାସ ଗୃହ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବ। ଧାର୍ଯ୍ୟ ସମୟ ସୀମାରେ ଗୃହ ନିର୍ମାଣ, ଏଥିପାଇଁ କାହାକୁ ଲାଞ୍ଚ ନଦେବା, ପ୍ରୋତ୍ସାହନ ରାଶି ଆଦି ବିଷୟରେ ସଚେତନ କରିବା ଲକ୍ଷ୍ୟ ରହିଥିବା ବିଡିଓ ସୂଚନା ଦେଇଥିଲେ ।

### ଜୁନାଗଡ ଓକିଲ ସଂଘର ନୂତନ କର୍ମକର୍ତ୍ତା

**ଜୁନାଗଡ,୧୬।୧୨(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଓକିଲ ସଂଘର ନିର୍ବାଚନ ସମ୍ପନ୍ନ ହୋଇଛି। ସଂଘର ନୂତନ ସଭାପତି ଅଶୋକ କୁମାର ପାତ୍ର, ଉପସଭାପତି କୈଳାସ ଚନ୍ଦ୍ର ଚୌଧୁରୀ, ସମ୍ପାଦକ ହିମାଂଶୁ ଶେଖର ବରାଡ, ଯୁଗ୍ମ ସମ୍ପାଦକ ଧନେଶ୍ୱର ନାଏକ, ଯୁଗ୍ମ ସମ୍ପାଦକ(ଲାଇବ୍ରେରୀ) ଅନନ୍ତ ନାରାୟଣ ବେହେରା, କୋଷାଧକ୍ଷଭାବେ ଅଶୋକ କୁମାର ପଣ୍ଡା ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି ଶିଶିର କୁମାର ପଟ୍ଟନାୟକ, ପ୍ରମୋଦ କୁମାର ପୂଝାରୀ, ନରେନ୍ଦ୍ର କ୍ଷିତୀ, ଜୁଲିରାଣୀ ନାୟକ, ଅଶ୍ୱିନୀ ସିଂଦେଓ, ଜୟଦେବ ସୁନାନୀ। ନିର୍ବାଚନ ପରିଚାଳନା କରିଥିଲେ ବରିଷ୍ଠ ଆଇନଜୀବୀ ମଦନ ମୋହନ ସାହୁ।

### ଜମି ଅଧିଗ୍ରହଣ ପ୍ରାପ୍ୟ ନ ମିଳିବା ପ୍ରତିବାଦରେ ରାସ୍ତାରୋକୋ



**ତରଭା,୧୬।୧୨(ଡି.ଏନ.ଏ.)-** ବୌଦ୍ଧ ଜିଲାର କନ୍ଧମାଳକୁ ସଂଯୋଗ କରୁଥିବା ତେଲନଦୀ ସେତୁ ପାଇଁ ଜମି ହରାଇଥିବା ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବନକେଡା ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ଏ ବାବଦ ପ୍ରାପ୍ୟ ନ ମିଳିବା ପ୍ରତିବାଦରେ ବୁଧବାର ରାସ୍ତାରୋକୋ କରିଥିଲେ । ଗ୍ରାମବାସୀ ତରଭା ପାର୍ଶ୍ୱ ସେତୁ ନିକଟରେ ରାସ୍ତାରେ ମାଟି ଖୋଳି ଓ ବ୍ରିଜରେ ଟିଣ ଚଦର ବିଛାଇ ଅବରୋଧ କରିବା ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା । ଖବରପାଇ ତରଭା ବିଡିଓ ଚିନ୍ମୟୀ କହଁର, ତହସିଲଦାର ତ୍ରିପୁରା ମହାନନ୍ଦ, ସହକାରୀ ଯନ୍ତ୍ରୀ ଦୁଃଶାସନ ସାହୁ, ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓ ନିରଞ୍ଜନ ସାହୁ, କନିଷ୍ଠ ଯନ୍ତ୍ରୀ ଦିବାକର ବିଶୋଇ, କମସରା ଫାଣ୍ଡି ଅଧିକାରୀ ଅରକ୍ଷିତ ମାଝି ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ମଧ କିଛି ସୁଫଳ ମିଳି ନ ଥିଲା । ଫଳରେ ଖବର ଲେଖାହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିବା ଜଣାଯାଇଛି । ପୂର୍ବରୁ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ୨୦୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ତେଲନଦୀ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ସେତୁ ହେବା ଫଳରେ ତରଭା ଓ କନ୍ଧମାଳ ବ୍ଲକର ଜନସାଧାରଣ ବଲାଙ୍ଗୀର ଜିଲା ସହିତ ସିଧାସଳଖ ଯୋଗାଯୋଗ କରିବାରେ ସୁବିଧା ହୋଇଛି । ତେବେ ଏହି ସେତୁ ପାଇଁ ତରଭା ପଟର ଗଜପତି ଭୁଏ, ପରମେଶ୍ୱର ମହଲା, ଲକ୍ଷପତି ଭୁଏ, ସାରଙ୍ଗଧର ଭୁଏ ଓ ରୁଷୁ ମହଲାଙ୍କ ସମେତ ୨୨ ଜଣଙ୍କ ଜମି ଅଧିଗ୍ରହଣ ହୋଇଥିଲା । ଏହା ମଧ୍ୟରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ନିୟମ ଅନୁଯାୟୀ କେତେଜଣଙ୍କୁ ଜମି ଅଧିଗ୍ରହଣ ବାବଦ ପ୍ରାପ୍ୟ ପ୍ରଦାନ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ମିଳିନାହିଁ । ଅନ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କ ପ୍ରାପ୍ୟ ଆବଶ୍ୟକ କାଗଜପତ୍ର ହେବା ପରେ ପ୍ରଦାନ କରାଯିବ ବୋଲି ଜେଇ ଦିବାକର ବିଶୋଇଙ୍କ ଠାରୁ ଜାଣିବାକୁ ମିଳିଛି ।

## ସଂସ୍କୃତ ଶିକ୍ଷକ ପଦବୀ ପୂରଣ ପାଇଁ ଦାବିପତ୍ର

**ତରବୋଡ, ୧୬।୧୨ (ଡି.ଏନ.ଏ.)**

ନୂଆପଡା ଜିଲାରେ ସଂସ୍କୃତ ଅଧ୍ୟୟନ କରି ସିଟି, ବିଇଡି କରିଥିବା ଯୁବତୀଯୁବକମାନେ ଶିକ୍ଷକ ପଦରେ ନିଯୁକ୍ତି ଦାବି କରି ଜିଲାପାଳ ସ୍ୱାଧାଦେବ ସିଂ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୪ ପରଠାରୁ ଜିଲାର ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ଅନ୍ୟ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ନିଯୁକ୍ତି ହୋଇନାହିଁ। ଏହାଦ୍ୱାରା ଆବଶ୍ୟକ ଶୈକ୍ଷିକ ଯୋଗ୍ୟତା ତଥା ବିବିଧ ଶିକ୍ଷକ ପାତ୍ରତା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଯୋଗ୍ୟ ଆଶାୟୀ ନିଜ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ତ୍ରିଲୋଚନ ମାଝି, ପୀତାମ୍ବର ରଣା, ମହେତାର ପାଣ୍ଡେ, ବିପିନ ମାଝି, ଧନପତି ମାଝି, ନରେନ୍ଦ୍ର ମାଝି, ଜୟଧର ମାଝି, ରତନୀମଣୀ ମାଝି, ପ୍ରଣିତା ରାଉତ, ପ୍ରତିମା ମାଝି, ବନସପତି ମାଝି, ଗିତାଞ୍ଜଳି ରାଉତ, ରାଜୀବ ଦଣ୍ଡସେନା, ସୋନିଆ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ହସ୍ତତନ୍ତ ସରଞ୍ଜାମ ବଣ୍ଟନ ମେଳା

**ଦେଓଗାଁ,୧୬।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବଡଡୁଙ୍ଗୁରୀପାଲିରେ ବୁଧବାର ଭାରତ ସରକାରଙ୍କ ବୁଣାକାର ସେବା କେନ୍ଦ୍ର ଭୁବନେଶ୍ୱର ଆନୁକୂଲ୍ୟରେ ହସ୍ତତନ୍ତ ସରଞ୍ଜାମ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପାଟଖଣ୍ଡା ତନ୍ତୁବାୟ ସମିତି ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏଡିଟି ହୃଷିକେଶ ମହାନ୍ତି, ପୂର୍ବତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ବୈଷୟିକ ସହାୟକ ଆଇଜାକ ସୁନା, ସୁରେନ୍ଦ୍ର କୁମାର ରାଏ, ସୁମନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ପାଟଖଣ୍ଡା ତନ୍ତୁବାୟ ସମିତି ସମ୍ପାଦକ ସୁଶାନ୍ତ ଥନାପତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୯୨ ବୁଣାକାରଙ୍କ ମଧ୍ୟରୁ ୨୫ଜଣଙ୍କୁ ତନ୍ତ, ୬୦ଜଣଙ୍କୁ ଡବି ଓ ୭ ଜଣଙ୍କୁ ଧୁନ(କ୍ଲଥବିନ) ଆଦି ସରଞ୍ଜାମ ପ୍ରଦାନ କରାଯାଇଥିଲା । ହିତାଧିକାରୀମାନେ ୧୦ ପ୍ରତିଶତ ଅର୍ଥ ଜମା କଲାପରେ ୯୦ପ୍ରତିଶତ ସବସିଡିରେ ଉକ୍ତ ସରଞ୍ଜାମ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା । ସାଲେପାଲି, ବଡଡୁଙ୍ଗୁରୀପାଲି, କୁଲିଆବାହାଲ, ବରକାନୀ, ଜରାସିଂହା, ଅର୍ଡା, ହାତିସରା, ନାଇକେନସିରା, ମୁରସିଂ, ସିଲେଟକାନୀ, ସିଆଲଯୋର, ଫପସି, ବଡବନ୍ଧ, ବନ୍ଧପଡା, ଦେଷଣ୍ଟ, ସତିଘାଟ ଓ ବହଲି ଆଦି ଗାଁର ୩୬୦ ବୁଣାକାରଙ୍କ ଉନ୍ନତିପାଇଁ ଗତ ୨୦୧୯–୨୦ ଆର୍ଥିକବର୍ଷରୁ ୧କୋଟି ୬୩ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଚାଲୁ ରହିଥିବା ବୈଠକରେ ସୂଚନା ଦିଆଯାଇଛି । ଉକ୍ତ ଅନୁଦାନରେ ଭିତ୍ତିଭୂମିର ବିକାଶ, ରଙ୍ଗ, ଡିଜାଇନ, ତନ୍ତ ଓ ତନ୍ତସରଞ୍ଜାମ ପ୍ରଦାନ, କର୍ମଚାରୀ, ରଙ୍ଗ ମାଷ୍ଟର ନିଯୁକ୍ତି ଆଦି କାର୍ଯ୍ୟମାନଙ୍କରେ ବିନିଯୋଗ ହେଉଛି ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ରଶାନ୍ତ ନାଏକ, ପରମାନନ୍ଦ ମଟାର, ମାର୍କଣ୍ଡ ମେହେର ତଥା ପାଟଖଣ୍ଡା ତନ୍ତୁବାୟ ସହଯୋଗ ସମିତିର ସମସ୍ତ କର୍ମକର୍ତ୍ତା ବୃନ୍ଦ ସହଯୋଗ କରିଥିଲେ ।



ବୁଣାକାରଙ୍କୁ ତନ୍ତ ଓ ତନ୍ତ ସରଞ୍ଜାମ ବଣ୍ଟନ କରାଯାଉଛି ।

## ପାଇପ ପାଣି ପାଇବାରୁ ବଞ୍ଚିତ ୫ ୱାର୍ଡବାସୀ

**ଲାଠୋର, ୧୬।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଜଳପ୍ରକଳ୍ପ ଥିଲେ ବି ଏହା ଜଳକଷ୍ଟ ଦୂର କରି ପାରୁନାହିଁ। ଫଳରେ ୫ୱାର୍ଡର ୪ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ଗତ ଏକ ମାସ ହେବ ପାଇପ ପାଣି ନ ପାଇ ହଇରାଣ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ ସୁଫଳ ମିଳିନାହିଁ। ୧୫ ବର୍ଷ ତଳେ ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ରଠାରେ ଏକ ଜଳ ପ୍ରକଳ୍ପ ସ୍ଥାପନ ହୋଇଥିଲା। ପ୍ରାୟ ଏକ ବର୍ଷ ହେବ ସେଠାରେ ୧ ଲକ୍ଷ ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ଓଭରହେଡ ଟାଙ୍କି ନିର୍ମାଣ ହୋଇଛି। ହେଲେ ୫ଏଚ୍‌ପି ମୋଟର ଓଭରହେଡ ଟାଙ୍କିକୁ ପାଣି ଉଠାଇ ପାରୁନାହିଁ। ଫଳରେ ଗ୍ରାମର ୩, ୪, ୫, ୬ ଓ ୭ ନମ୍ବର ୱାର୍ଡରେ ପାଣି ପହଞ୍ଚି ପାରୁନି। ଅପରପକ୍ଷେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଲାଠୋରରେ ସ୍ଥାୟୀ ପମ୍ପ ଚାଳକ ନିଯୁକ୍ତି ଦିଆଯାଇନାହିଁ। ପ୍ରକଳ୍ପରେ ୧୦ଏଚପି ମୋଟର ଲଗାଇବା, ସ୍ଥାୟୀ ପମ୍ପ ଚାଳକ ନିଯୁକ୍ତି ସହ ସ୍ଥାନେ ସ୍ଥାନେ ଫାଟି ଯାଇଥିବା ପାଇପ ବଦଳାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଅନ୍ୟନୋପାୟ ହୋଇ ଲୋକେ ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏ ନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଦାବି ଅନୁଯାୟୀ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବୁ ବୋଲି କହିଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ: କୁଲିଆବାହାଲ ବିଜୟୀ

**ଦେଓଗାଁ,୧୬।୧୨( ଡି.ଏନ.ଏ.)**

ଦେଓଗାଁ ବ୍ଲକ ସାଲେପାଲି ଡମ୍ବରୁଧର ଷ୍ଟାଡିୟମରେ ଗାର୍ଗବ ମେହେର କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ମ୍ୟାଚ ସାଲେପାଲି ସାହାରା ଦଳ ଓ କୁଲିଆବାହାଲ ମଧ୍ୟରେ ହୋଇଥିଲା। କୁଲିଆବାହାଲ ୧୦ଉଇକେଟରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ସିଂହପାଲକୁ ଡଙ୍ଗାପଥର ୫୫ରନରେ ହରାଇଥିଲା । ପରେ ଡଙ୍ଗାପଥର ଓ କୁଲିଆବାହାଲ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। କୁଲିଆବାହାଲ ବିଜୟୀ ହୋଇଥିଲା। ଅତିଥିଭାବେ ତୁଳସୀ ଜୈନ, ସଚ୍ଚିଦାନନ୍ଦ ପାଢ଼ୀ, ଗ୍ରାମମଙ୍ଗଳ ପାଠାଗାରର ସମ୍ପାଦକ କ୍ଷମାନିଧି ମେହେର, ହେମସାଗର ପଧାନ, ଦଶରଥ ସାମଲ, ହେମସାଗର ଭୋଇ, ସୋମନାଥ ଷଡଙ୍ଗୀ, କରୁଣାକର ସାହୁ, ଭାଗିରଥୀ ଷାଣ୍ଡ ପ୍ରମୁଖ ଯୋଗଦେଇଥିଲେ ।

## ଚୋରି ଘଟଣାର ଫର୍ଦ୍ଦାଫାଶ: ୪ କୋର୍ଟ ଚାଲାଣ



ଜୁନାଗଡ ଥାନାଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଉଛନ୍ତି।

**ଜୁନାଗଡ, ୧୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ବୁଧବାର ନେହେରୁ ନଗରପଡାସ୍ଥିତ ମୋବାଇଲ ଦୋକାନ ଚୋରି ଘଟଣାର ଫର୍ଦ୍ଦାଫାଶ କରିଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିରେ ଜଣେ ନାବାଳକ ସମ୍ପୃକ୍ତି ଥିବାରୁ ତାଙ୍କୁ ଭବାନୀପାଟଣାସ୍ଥିତ ଜୁଭେନାଇଲ ବୋର୍ଡକୁ ପଠାଯାଇଛି। ଅଭିଯୁକ୍ତମାନେ ହେଲେ ନକଟିଗୁଡାର ନିକାଶ ଚନ୍ଦ୍ର ଗୁରୁ, କହ୍ନେଇ ଦଣ୍ଡସେନା, ଗଜାନନ ନାଏକ ଓ ଛୋରିଆଗଡର ଶିବରାମ ଗୁରୁ। ସେମାନଙ୍କଠାରୁ ୫ଟି ମୋବାଇଲ ଏବଂ ୮ ହଜାର ଟଙ୍କାର ଜବତ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି। ଗତ ଅକ୍ଟୋବର ୨୩ ତାରିଖ ରାତିରେ ବଳଦିଆମାଲ ନେହେରୁନଗରପଡାସ୍ଥିତ ସୁଜିତ କୁମାର ମେହେରଙ୍କ ମୋବାଇଲ ଦୋକାନରୁ ନକଟିଗୁଡାର ନିକାଶ, କହ୍ନେଇ, ଗଜାନନ ଓ ଜଣେ ନାବାଳକ ମିଶି ୫ଟି ମୋବାଇଲ ଫୋନ୍ ସହ ନଗଦ ୮ ହଜାର ଟଙ୍କା ଚୋରି କରିଥିଲେ। ଗଜାନନ ଚୋରି ମୋବଇଲକୁ ଛୋରିଆଗଡ ଗ୍ରାମର ଶିବରାମ ଗୁରୁଙ୍କୁ ବିକ୍ରି କରିଥିଲେ। ଚୋରି ସମ୍ପର୍କରେ ସୁଜିତ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୯୯/୨୦) ରୁଜୁକରିତଦନ୍ତ ଚଳାଇଥିଲା।

## ଅମରପାଲି କ୍ରିକେଟ କପ୍: କ୍ୱାର୍ଟର ଫାଇନାଲରେ ହରିଣାପାଲି

**ଅମରପାଲି, ୧୬।୧୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ୍ କ୍ଲବ ଓ ଜେମ୍ସଷ୍ଟାର କ୍ଲବ ମିଳିତ ଆନୁକୂଲ୍ୟରେ ବୁଧବାର ଅମରପାଲି କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ସ୍ଥାନୀୟ ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, କ୍ଲବ ଉପଦେଷ୍ଟା ଜୟପ୍ରକାଶ ସାହୁ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ଦାଦରପାଲି ଓ ଲୁଡୁରପଙ୍କ ମଧ୍ୟରେ ହୋଇଥିଲା। ଦାଦରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୮୧ରନ କରିଥିଲା। ଜବାବରେ ଲୁଡୁରପଙ୍କ ୮ ଓଭରରେ ୨ ଉଇକେଟ ହରାଇ ୮୨ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପିପିଲିକାନୀ ଓ ହରିଣାପାଲି ମଧ୍ୟରେ ହୋଇଥିଲା। ପିପିଲିକାନୀ ୧୦ଓଭରରେ ୫ଉଇକେଟ ହରାଇ ୮୦ରନ କରିଥିବା ବେଳେ ହରିଣାପାଲି ଆବଶ୍ୟକ ରନକୁ ୯.୫ଓଭରରେ ୬ଉଇକେଟ ହରାଇ ହାସଲ କରିଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଲୁଡୁରପଙ୍କ ଓ ଦ୍ୱିତୀୟ ମ୍ୟାଚ ବିଜେତା ହରିଣାପାଲି ମଧ୍ୟରେ ହୋଇଥିଲା। ହରିଣାପାଲି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ହରାଇ ୯୯ ରନ କରିଥିଲା। ଲୁଡୁରପଙ୍କ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୭୮ରନ କରି ପରାସ୍ତ ହୋଇଥିଲା। ଫଳରେ ହରିଣାପାଲି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡିକରେ ରାଜେଶ ସାହୁ, ସମ୍ପିତ ମାଝୀ, ଦିଲୀପ ପଧାନ, ଶ୍ରୀତମ ପ୍ରଧାନ ଅମ୍ପେୟାର, ନିତମ ରଞ୍ଜନ ପ୍ରଧାନ ସ୍କୋରିଂ, ଶୁଭେନ୍ଦୁ ଶେଖର ସାହୁ ଅନଲାଇନ ସ୍କୋରିଂ ଏବଂ ନିହାରରଞ୍ଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଭାରତୀୟ ସୈନ୍ୟବାହିନୀର ଅନନ୍ତ ପଧାନ, ବନପାଳ ବିକ୍କୁନ ମେହେର ଓ ସୁଶୀଲ ସାହୁ ଅତିଥିଭାବେ ଯୋଗଦେଇ ହରିଣାପାଲିର ଟୁଲୁନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

## ରାଜ୍ୟସ୍ତରୀୟ ଗଡ଼ଜାତ ଲୋକ ମହୋତ୍ସବର ଦ୍ୱିତୀୟ ଦିନ

**ବୌଦ୍ଧ/ପୁରୁଣାକଟକ,୧୬।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ବନ ବିଭାଗ ନର୍ସରୀ ପରିସରରେ ଚାଲିଥିବା ଚତୁର୍ଥ ରାଜ୍ୟସ୍ତରୀୟ ଗଡଜାତ ଲୋକ ମହୋତ୍ସବ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହିଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାଛଡା ମହୋତ୍ସବ ପରିଷଦ ଅଧକ୍ଷ ବିଶ୍ୱଜିତ ମିଶ୍ରଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ସେବାମୂଳକ କାର୍ଯ୍ୟକ୍ରମ ଦ୍ୱାରା ମହୋତ୍ସବ ପାଳନ କରାଯାଉଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ । କରୋନା ସମୟରେ ପ୍ରଶାସନର ମୁଖ୍ୟ ହିସାବରେ ଜିଲାବାସୀଙ୍କ ପାଇଁ ସମର୍ପିତ କାର୍ଯ୍ୟ କରିଥିବାରୁ ଏହି ଅବସରରେ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାକୁଡ ଜିଲାପାଳ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପପତି ସଞ୍ଜୀବ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ପାଦକ ଦେବାଶିଷ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।




ମହୋତ୍ସବ କମିଟି ପକ୍ଷରୁ ଜିଲାପାଳଙ୍କୁ ମୁଖ୍ୟ କୋଭିଡ ଯୋଦ୍ଧା ଭାବେ ସମ୍ମାନିତ କରାଯାଉଛି ।

## ଅନ୍‌ଲାଇନ୍‌ରେ ହେଲା ଜୋନ୍‌ସ୍ତରୀୟ କଳା ଉତ୍ସବ

**ବଲାଙ୍ଗୀର ଅଫିସ, ୧୬।୧୨**

ବଲାଙ୍ଗୀର ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଅଭିଯାନ ଓଡିଶା ସରକାରଙ୍କ ଦ୍ୱାରା ସ୍ଥାନୀୟ ଜିଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ଥିବା ବହୁମୁଖୀ ସଭାଗୃହରେ ବୁଧବାର ଜୋନ୍‌ସ୍ତରୀୟ କଳାଉତ୍ସବ କୋଭିଡ୍ କଟକଣା ଯୋଗୁଁ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ତତ୍ତ୍ୱାବଧାନ ଓ ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲଙ୍କ ଉଦ୍ୟମରେ ପରିଚାଳିତ ପ୍ରତିଯୋଗିତାରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି ଓ ନୂଆପଡା ଜିଲାର ବିଭିନ୍ନ ଉଚ୍ଚବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ, ପାରମ୍ପରିକ ଲୋକ କଣ୍ଠ ସଙ୍ଗୀତ, ଶାସ୍ତ୍ରୀୟ ବାଦ୍ୟଯନ୍ତ୍ର, ପାରମ୍ପରିକ ଲୋକ ବାଦ୍ୟଯନ୍ତ୍ର, ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ, ଚିତ୍ରକଳା ୨–ଡି, ଚିତ୍ରକଳା ୩–ଡି, ଦେଶୀୟ ଖେଳଣା ଓ ଖେଳ ଆଦି ୯ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବାଳକ ବିଭାଗର ଶାସ୍ତ୍ରୀୟ କଣ୍ଠ ସଙ୍ଗୀତରେ ରୋନକ୍ ମହାନ୍ତି, ପାରମ୍ପରିକ ଲୋକକଣ୍ଠ ସଙ୍ଗୀତରେ ରୋହନ ମିଶ୍ର, ଶାସ୍ତ୍ରୀୟ ବାଦ୍ୟଯନ୍ତ୍ରରେ ବିବେକାନନ୍ଦ ତାଣ୍ଡି, ପାରମ୍ପରିକ ଲୋକ କଣ୍ଠ ସଙ୍ଗୀତରେ ଦେବରଞ୍ଜନ ପଣ୍ଡା, ଲୋକନୃତ୍ୟରେ ଅର୍ପଣ ବୈଭବ ବାରିକ, ଚିତ୍ରକଳା ୨–ଡିରେ ସ୍ମୃତି ରଞ୍ଜନ ବେହେରା, ଚିତ୍ରକଳା ୩–ଡିରେ ମହିମ କୁମାର ନାଏକ, ଦେଶୀୟ ଖେଳଣା ଓ ଖେଳରେ ପ୍ରେମାଶିଷ ପାଣ୍ଡିଆ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

ବାଳିକା ବିଭାଗରେ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତରେ ଅନ୍ତରା ପଟ୍ଟନାୟକ, ପାରମ୍ପରିକ ଲୋକକଣ୍ଠ ସଙ୍ଗୀତରେ ଜୁଲୀ ପଟ୍ଟନାୟକ, ଶାସ୍ତ୍ରୀୟ ବାଦ୍ୟଯନ୍ତ୍ରରେ ନେହ୍ନି ପାତ୍ର, ଶାସ୍ତ୍ରୀୟ ନୃତ୍ୟରେ ଆତ୍ମନ୍ ତ୍ରିପାଠୀ, ଲୋକନୃତ୍ୟରେ ସୀମାରାଣୀ ମହାରଣା, ଚିତ୍ରକଳା ୨–ଡିରେ ମୌସୁମୀ ପି.ସେଠ୍, ଚିତ୍ରକଳା ୩–ଡିରେ ଶ୍ୱେତାପିସ୍ମିତା ସାହୁ , ଦେଶୀୟ ଖେଳଣା ଓ ଖେଳରେ ଅବନ୍ତିକା ଜେନା ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ କଳା ଉତ୍ସବକୁ ଉନ୍ନୀତ ହୋଇଛନ୍ତି । ବିଚାରକ ଭାବେ ଦୀପକ କୁମାର ବରାଳ, ଗୌରଚନ୍ଦ୍ର ମହାପାତ୍ର, ପଦ୍ମଚରଣ ଆଚାର୍ଯ୍ୟ, ଭକ୍ତ ଚରଣ ନାଏକ, ମୁରଲୀଧାରୀ ପତି, ଶମ୍ଭୁ ପ୍ରସାଦ ନାଏକ, ଦିଲୀପ ସିଂଦେଓ, ବାସୁଦେବ ମେହେର ଯୋଗଦେଇଥିଲେ। ଜିଲା ଏସସି/ଏସଟି ସଂଯୋଜକ ଆଶୁତୋଷ ମହାନ୍ତି, କରୁଣା ସା, ଅନୀଲ ନନ୍ଦ, ବିଶ୍ୱଜିତ ପଧାନ, ଅଶ୍ୱିନୀ ଷଡଙ୍ଗୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜୋନାଲ୍ ସ୍ତରୀୟ କଳାଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଚଳିତମାସ ୧୮ ତାରିଖରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ କନଫରେନ୍ସ ହଲରେ ଉପସ୍ଥିତ ରହି ରାଜ୍ୟସ୍ତରୀୟ କଳାଉତ୍ସବରେ ଅନଲାଇନ୍ ମାଧ୍ୟମରେ ଭାଗ ନେବେ।




ଜୋନ୍‌ସ୍ତରୀୟ କଳାଉତ୍ସବ–୨୦୨୦ ପ୍ରତିଯୋଗିତା ପାଇଁ ବଲାଙ୍ଗୀରରେ ଉପସ୍ଥିତ ବିଚାରକ ମଣ୍ଡଳୀ ।